- Vol.- 46, Issue No. 120
- Thursday, 30 July 2026
- ଗୁରୁବାର, ୩୦ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ୨ ଲକ୍ଷ ଲୋକ ପ୍ରଭାବିତ



- ୪୪ ବ୍ଲକ ୭୪୮ ଗାଁ'ରେ ବନ୍ୟା
- ୮ ଜିଲ୍ଲାର ୪୪ ବ୍ଲକ ଦୁର୍ଦ୍ଦଶାରେ
- ୩୦ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ
- ୭ ହଜାର ୯୦୦ହେକ୍ଟର ଚାଷ ଜମି ନଷ୍ଟ
- ୪ ଜଣଙ୍କ ମୃତ୍ୟୁ ଘଟିଛି
- ଜରୁରୀ ସହାୟତା ପାଇଁ ୧୧୨ ନମ୍ବରକୁ କଲ୍
- ୮ ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୯ ।୭(ନିପ୍ର): ରାଜ୍ୟର ବର୍ଷାବିପଦକୁ ନେଇ ରାଜୀବ ଭବନରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ଅଧକ୍ଷତା କରିଥିଲେ । ରାଜସ୍ୱ ସଚିବ, ଏସଆରସି, ପାଣିପାଗ ବିଭାଗର ବରିଷ୍ଠ ଅଧିକାରୀ ମାନେ ସାମିଲ ଥିଲେ । ବନ୍ୟାରେ ୮ ଜିଲ୍ଲାର ୪୪ ବ୍ଲକ ପ୍ରଭାବିତ ହୋଇଛି । ଏଥିନେଇ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଛି ସୂଚନା । ବାଲେଶ୍ୱରର ୧୨, ଭଦ୍ରକର ୫, ଢେଙ୍କାନାଳର ୮ଟି ବ୍ଲକ, ଯାଜପୁରର ୩, ମୟୂରଭଞ୍ଜର ୧୩, ସମ୍ବଲପୁରର ୩ ବ୍ଲକ୍ ପ୍ରଭାବିତ ହୋଇଛି । ମୋଟ ୨୩୩ ପଞ୍ଚାୟତର ୭୪୮ ଗାଁ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ୨ଲକ୍ଷ ୩ ହଜାରରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଛି । ଢେଙ୍କାନାଳ ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ହୋଇଛି । ୭ ହଜାର ୯୦୦ହେକ୍ଟର ଚାଷ ଜମି ନଷ୍ଟ ହୋଇଛି । ୭୬୧ କଚା ଘର ଭାଙ୍ଗିଛି । ୨୧୨ ରିଲିଫ କ୍ୟାମ୍ପ ଖୋଲା ଯାଇଛି। ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ପ୍ରାୟ ୩୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ମଧ ଆବଶ୍ୟକତା ଅନୁଯାୟୀ ସ୍ଥାନାନ୍ତରଣ କରାଯାଇଛି। ରାଜ୍ୟର ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ଚବିଶ ଘଣ୍ଟିଆ କଡ଼ା ନଜର ରଖିଛନ୍ତି। ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜନସାଧାରଣଙ୍କ ସୁରକ୍ଷା ରାଜ୍ୟସରକାରଙ୍କ ପ୍ରାଥମିକତା। ବୁଧବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ରାଜ୍ୟ ସରକାର ସମଗ୍ର ପରିସ୍ଥିତି ଉପରେ ନିରନ୍ତର ନଜର ରଖି ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। ଛତିଶଗଡ଼ର ଉପର ଅବବାହିକା ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଛି। ବର୍ତ୍ତମାନ ହୀରାକୁଦ ବନ୍ଧର ଦୁଇଟି ଗେଟ୍ ଖୋଲା ରହିଛି ଏବଂ ଜଳଭଣ୍ଡାରର ଜଳସ୍ତର ସୁରକ୍ଷିତ ସୀମା ମଧ୍ୟରେ ରହିଛି। ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୭ଟି ଏନଡିଆରଏଫ ଟିମ୍, ଓଡ୍ରାଫ ଟିମ୍ ଏବଂ ପ୍ରାୟ ୬୦ଟି ଅଗ୍ନିଶମ ସେବା ଟିମ୍ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ କରାଯାଇଛି। ଜନସାଧାରଣଙ୍କୁ ସତର୍କ ରହିବାକୁ ଆହ୍ୱାନ ଜଣାଇ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ କେହି ବନ୍ୟାଜଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ, ଅସୁରକ୍ଷିତ ସ୍ଥାନକୁ ଯାଆନ୍ତୁ ନାହିଁ। ଜିଲ୍ଲା ପ୍ରଶାସନର ପରାମର୍ଶ ପାଳନ କରିବା, ଆବଶ୍ୟକ ହେଲେ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର ହେବା ଏବଂ ଜରୁରୀ ସହାୟତା ପାଇଁ ୧୧୨ ନମ୍ବରକୁ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ରାଜ୍ୟରେ ପ୍ରଚଣ୍ଡ ବନ୍ୟା ପରିସ୍ଥିତି ମଧ୍ୟରେ ଓଡ଼ିଶା ସରକାର ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତୀବ୍ର କରିଥିବାରୁ ବନ୍ୟା ପ୍ରଭାବିତ ୮ଟି ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

## ଭୟ ବଢ଼ାଇଲା ମହାନଦୀ

- ★ ଆଜି ମଧ୍ୟମ ଧରଣର ବନ୍ୟା ଆଶଙ୍କା
- ★ ମୁଣ୍ଡଳୀରେ ଆସିବ ୯ ଲକ୍ଷ କ୍ୟୁସେକ ପାଣି
- ★ ହୀରାକୁଦରେ ବଢୁଛି ଜଳସ୍ତର



କଟକ,୨୯ ।୦୭: ମହାନଦୀରେ ଆସୁଛି ମଧ୍ୟମ ଧରଣର ବନ୍ୟା । ଏହି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ । ଏବେ ହୀରାକୁଦରେ ଜଳ ସ୍ତର ୬୧୬ଫୁଟରୁ ଅଧିକ । ୨ଟି ଗେଟ ଦେଇ ପାଣି ଛଡା ଯାଉଥିଲେ ବି ତେଲ ନଦୀ ବେସିନ ସହ ବଲାଙ୍ଗୀର, ଖଇରମାଳରେ ଅଧିକ ବର୍ଷା ଯୋଗୁଁ ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ ରୁ ୯ ଲକ୍ଷ କ୍ୟୁସେକ ପାଣି ଆସିବ । ଫଳରେ ଶୁକ୍ରବାର ଦୟା ନଦୀ ଓ ମହାନଦୀର ତଳ ଅଂଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ହେବ । ନିମାପଡ଼ା, କଣାସ, ଗୋପ, ଅସ୍ତରଙ୍ଗ ଅଂଚଳରେ ବନ୍ୟା ପାଣି ପଶିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ।

## 'କେତେ ଚାଷ ଜମି ପ୍ରଭାବିତ ତୁରନ୍ତ ରିପୋର୍ଟ ଦିଅ'

ଭୁବନେଶ୍ୱର,୨୯ ।୦୭: ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ ଏବଂ ସମ୍ବଲପୁର କ୍ଷତିଗ୍ରସ୍ତ ହୋଇଛି। ଏହି ୬ ଜିଲ୍ଲାର ୪୪ ବ୍ଲକ ପ୍ରଭାବିତ ହୋଇଛନ୍ତି। ୭ ହଜାର ୯୦୧ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। କୃଷି ବିଭାଗ ଏହି ସବୁ ଜିଲ୍ଲାପାଳଙ୍କୁ କ୍ଷୟକ୍ଷତି ରିପୋର୍ଟ ମାଗିଛି। କେତେ ଚାଷ ଜମି ପ୍ରଭାବିତ ହୋଇଛି ତାହାର ରିପୋର୍ଟ ଦେବାକୁ କୃଷି ବିଭାଗ କହିଛି। ଯେତେ ଶୀଘ୍ର ହୋଇପାରିବ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଥିବା ବେଳେ ତୁରନ୍ତ କ୍ଷତିପୂରଣର ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେହି ବ୍ୟତିବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ସରକାର ସବୁ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି।

# ଲୋକସଭାରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ବିଲ୍ ପାରିତ

## ରାହୁଲଙ୍କ ଅଣସଂସଦୀୟ ଶବ୍ଦ ନେଇ ଶାସକ-ବିରୋଧୀ ଯୁକ୍ତିତର୍କ



ନୂଆଦିଲ୍ଲୀ,୨୯ ।୭: ଲୋକସଭାରେ ଦୁଇଦିନ ଧରି ବ୍ୟାପକ ବିତର୍କ ପରେ ଧ୍ୱନିମତରେ ବୁଧବାର ପାରିତ ହୋଇଛି ପ୍ରଶ୍ନପତ୍ର ପ୍ରଘଟ ନିରୋଧ ବିଲ୍ ବା 'ଆଣ୍ଟି ପେପର ଲିକ୍ ବିଲ୍ ୨୦୨୬'। ପେପର ଲିକ୍ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିରୋଧ ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ସୋମବାର ସଂଶୋଧନ ବିଲ୍ ଆଗତ କରିଥିଲେ। ପ୍ରସ୍ତାବିତ ଆଇନର ଲକ୍ଷ୍ୟ ହେଉଛି ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନରେ ସଂଶୋଧନ। ଏଥିରେ ପେପର ଲିକ୍ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି,ଯେଉଁଥିରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ରହିଛି। ଏହି ସମୟରେ ସଂସଦରେ ଦେଖିବାକୁ ମିଳିଥିଲା ହଙ୍ଗାମା। ଯେଉଁ କାରଣରୁ ଲୋକସଭାର ଗୃହକାର୍ଯ୍ୟକୁ ଗୁରୁବାର ସକାଳ ୧୧ଟା ଯାଏଁ ମୁଲତବୀ ରଖାଯାଇଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଯାହାକୁ ଶାସକ ଦଳ ପ୍ରବଳ ବିରୋଧ କରିଥିଲା ଓ ରାହୁଲଙ୍କୁ କ୍ଷମା ମାଗିବାକୁ ଦାବି କରିଥିଲା। ଏହାକୁ ନେଇ ଗୃହରେ ଦୁଇପକ୍ଷ ଭିତରେ ହଙ୍ଗାମା ହୋଇଥିଲା।ରାହୁଲ ଅଭିଯୋଗ କରିଛନ୍ତି, ରାଜଧାନୀ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଛାତ୍ରଙ୍କ ଉପରେ ଗୁଳି କରିଥିବା ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଗୃହରେ ମଧ ଖୁବ୍ ହଙ୍ଗାମା ହୋଇଥିଲା ଓ ତାଙ୍କୁ କ୍ଷମା ମାଗିବାକୁ କୁହାଯାଇଥିଲା। ଚର୍ଚ୍ଚା ବେଳେ ରାହୁଲ ଅଣସଂସଦୀୟ ଶବ୍ଦ ବ୍ୟବହାରକୁ ନେଇ ଶାସକ ଦଳ ଓ ବିରୋଧୀଙ୍କ ଭିତରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି କାରଣରୁ ଗୃହରେ ଜୋରଦାର ହଙ୍ଗାମା ହୋଇଥିଲା।ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନେଇ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ଚର୍ଚ୍ଚାର ଜବାବ୍ ଦେଇ କହିଥିଲେ ବିରୋଧୀ ଦଳ ନେତା ପ୍ରତିପକ୍ଷଙ୍କୁ ଏହା ଜାଣିବା ଦରକାର ଯେ, ଗୁଳି ଚଳାଇବାର ନିର୍ଦ୍ଦେଶ ଗୃହମନ୍ତ୍ରୀ ଦିଅନ୍ତି ନାହିଁ, ମାଜିଷ୍ଟ୍ରେଟ୍ ଦେଇଥାନ୍ତି। ତେବେ ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଯାଇନଥିଲା, କେବଳ ଲୁହବୁହା ଗ୍ୟାସ୍ ମାଡ ହୋଇଥିଲା।

# ବନ୍ୟା ନେଇ ଭୟଭୀତ ହୁଅନ୍ତୁ ନାହିଁ: ମୁଖ୍ୟମନ୍ତ୍ରୀ

- ପ୍ରତ୍ୟେକଙ୍କ ଜୀବନ ଓ ସୁରକ୍ଷା ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ
- ପ୍ରଭାବିତଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯ ।୭: ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲଫ୍ କମିଶନରଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଜନସାଧାରଣ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବା ସହ ପ୍ରଶାସନର ସୂଚନାକୁ ପାଳନ କରିବା ଏବଂ ସୁରକ୍ଷିତ ରୁହିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏକ୍ସର ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତି ଉପରେ ମୁଁ ଏବଂ ମୋ ସରକାର ପ୍ରତିଟି ମୁହୂର୍ତ୍ତରେ ସିଧାସଳଖ ନଜର ରଖିଛୁ। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜଳସ୍ତର ଓ ପରିସ୍ଥିତି ଉପରେ ସାକ୍ଷାତ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା ଖୋଲା ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ଓ ପୋଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୋଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଅଂଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ବନ୍ୟାଞ୍ଚଳରେ କୌଣସି ପ୍ରଭାବିତ ଯେପରି ଖାଦ୍ୟ ଅଭାବର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକତା ଦୃଷ୍ଟିରୁ ରନ୍ଧାଖାଦ୍ୟ ପ୍ରଦାନ ଅବଧିକୁ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି।



## ଭାରତକୁ ଟ୍ରମ୍ପଙ୍କ ଝଟକା
# ୧୦୦ ପ୍ରତିଶତ ଶୁଳ୍କ ସଂକଟ

ନୂଆଦିଲ୍ଲୀ,୨୯ ।୭: ଆମେରିକା ସିନେଟ୍ ରୁଷ୍ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ବିଲ୍ ପାସ୍ କରିଛି । ଏହା ଭାରତର ଚିନ୍ତାକୁ ବଢାଇଛି । କାରଣ ଏହି ବିଲ୍ ଯୋଗୁଁ ଭାରତ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେବା ଆଶଙ୍କା ରହିଛି । ବିଲ୍‌କୁ ଆଗକୁ ବଢାଇବା ପାଇଁ ହୋଇଥିବା ଭୋଟ୍ ସପକ୍ଷରେ ୮୬ ଏବଂ ବିପକ୍ଷରେ ୧୨ ଭୋଟ୍ ହୋଇଥିଲା । ଏହି ବିଲ୍ ରୁଷ୍ ଅଧିକାରୀମାନଙ୍କ ଉପରେ କଟକଣା ଲଗାଇବା ଏବଂ ରୁଷ୍ ଶକ୍ତି ଉପରେ ନିର୍ଭରଶୀଳତା ହ୍ରାସ୍ କରିବା ପାଇଁ ଭାରତ, ଚୀନ, ସ୍ଲୋଭାକିଆ, ହେଙ୍ଗେରୀ ଏବଂ ଆଜରବୈଜାନ ଉପରେ ଭାରୀ ଶୁଳକ୍ ଲଗାଇବାକୁ ଅନୁମତି ଦେବାର ଲକ୍ଷ୍ୟ ରଖିଛି।

## ନିଖୋଜ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୯ ।୭: ପୁଲିସ ରିଜର୍ଭ ପଡିଆର ଏକ ପାଣିକୁଣ୍ଡରୁ ଉଦ୍ଧାର ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଭୁବନେଶ୍ୱର ସ୍ଥିତ ଏମବିଏସ ସ୍କୁଲର ୭ ବର୍ଷୀୟ ସୋନାକ୍ଷୀ ସିଂହ ଦ୍ୱିତୀୟ ଶ୍ରେଣୀର ଛାତ୍ରୀ । ଖାଇବା ଛୁଟିରେ ଗେଟ୍ ବାହାରକୁ ଚାଲି ଯାଇଥିଲେ ଏହା ପରଠାରୁ ତାଙ୍କ ପତ୍ତା ମିଳି ନ ଥିଲା। ଏ ନେଇ ସହିଦନଗର ଥାନାରେ ଛାତ୍ରୀଙ୍କ ଅଭିଭାବକ ଅପହରଣ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ତଦନ୍ତ କରି ସ୍କୁଲ ପଛରେ ଥିବା ପୁଲିସ ରିଜର୍ଭ ପଡିଆରୁ ଛାତ୍ରୀଙ୍କୁ ଠାବ କରିଥିଲା। କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେତେବେଳକୁ ମୃତ୍ୟୁ ଘଟିଥିଲା ବୋଲି କୁହାଯାଇଛି। ସ୍କୁଲ ସିସିଟିଭି କ୍ୟାମେରା ଫୁଟେଜ ପୁଲିସ ଯାଞ୍ଚ କରିଥିଲା। ସେହିପରି ସ୍କୁଲର ଶିକ୍ଷକ, କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କୁ ମଧ ପଚରାଉଚରା କରିଥିଲା। ସ୍କୁଲ ପରିସର ସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ସଂଗ୍ରହ କରି ଖୋଜାଖୋଜି କରିଥିଲା। ଏପରିକି ଭିଟିଏଫ ମାଧ୍ୟମରେ ସମସ୍ତ ଥାନାକୁ ସତର୍କ କରିଥିଲା। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଥାନା ଅଧିକାରୀଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା । ଟିମଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲା। ତଦନ୍ତ ହେଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।


# ଆଗାମୀ ୩ ବର୍ଷରେ ୫୦ ହଜାର ଗାଁ'ରେ ପହଞ୍ଚିବ ହାଇସ୍ପିଡ୍ ଇଣ୍ଟରନେଟ୍

- ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ୨ ବୁଝାମଣା ପତ୍ର ସ୍ୱାକ୍ଷରିତ
- କେନ୍ଦ୍ର ସରକାର ଖର୍ଚ୍ଚ କରିବେ ୩୩୮୪ କୋଟିରୁ ଅଧିକ ଟଙ୍କା




ଭୁବନେଶ୍ୱର,୨୯ ।୭(ନିପ୍ର): ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଞ୍ଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ (ଫାଇବର ଟୁ ଦି ହୋମ୍ ) ସଂଯୋଗ ବିସ୍ତାର କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୩୩୮୪ କୋଟିର ଅଧିକ ଟଙ୍କା ଖର୍ଚ୍ଚ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ୱାବଧାନରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଣ୍ଟରନେଟ ସେବା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଂଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଗାଁ ର ଘରକୁ ଘର ସଂଯୋଗ କରାଯିବ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ଲକକୁ ଡାଟା ଏକ୍ସଚେଞ୍ଜ ସେଣ୍ଟର ଏବଂ ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରରେ ମଧ ଏକ ଡାଟା ଏକ୍ସଚେଞ୍ଜ ସେଣ୍ଟର ଭାବେ ବିକଶିତ କରାଯିବ । ସରକାରଙ୍କ ସଂକଳ୍ପ ପତ୍ର ଅନୁସାରେ ଆଜି ଡିଜିଟାଲ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବା, ଉନ୍ନତ ପ୍ରଯୁକ୍ତିର ପ୍ରସାର ଏବଂ ନାଗରିକମାନଙ୍କୁ ଉନ୍ନତମାନର ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ନିଶ୍ଚିତ ରୂପେ ବାସ୍ତବ ରୂପ ନେଇଛି ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଥମ ବୁଝାମଣା ପତ୍ରଟି ଓଡ଼ିଶାରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡିଜିଟାଲ୍ ଭାରତ ନିଧି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଏବଂ ବିଏସଏନଏଲ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ସହିତ ଉଦୀୟମାନ ପ୍ରଯୁକ୍ତି, ଗବେଷଣା ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ସି-ଡ୍ୟାକ୍ ମଧ୍ୟରେ ଅନ୍ୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା କ୍ଷେତ୍ର ସହ ନାଗରିକ ସେବା ଅଧିକ ଦ୍ରୁତ, ପାରଦର୍ଶୀ, ସୁରକ୍ଷିତ ଓ ସୁଗମ ସରକାରୀ ସେବା ଯୋଗାଇବାରେ ଏହି ପଦକ୍ଷେପ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

# 'ବନ୍ଦେ ମାତରମ୍'କୁ ଅପମାନ କଲେ ହେବ ଫୌଜଦାରି ମାମଲା



ନୂଆଦିଲ୍ଲୀ,୨୯ ।୭: ମୌସୁମୀ ଅଧିବେଶନରେ ରାଜ୍ୟସଭାରେ "ଜାତୀୟ ସମ୍ମାନକୁ ଅପମାନ ନିବାରଣ (ସଂଶୋଧନ) ବିଲ୍ ୨୦୨୬" ଗୃହୀତ ହୋଇଯାଇଛି । ବୁଧବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବନ୍ଦେ ମାତରମ୍ ବିଲ୍ ଗୃହୀତ ହୋଇଯାଇଛି । ଫଳରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌କୁ କେହି ଅପମାନିତ କଲେ ତାହା ଅପରାଧରେ ବିବେଚନା କରାଯିବ । ଗତ ସପ୍ତାହରେ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ବିଲ୍ ଉପସ୍ଥାପନ କରିଥିଲେ । ଏହି ସଂଶୋଧିତ ବିଲ୍‌ରେ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧କୁ ଆହୁରି ବିସ୍ତୃତ କରାଯାଇଛି । ଏହି ଆଇନ ବର୍ତ୍ତମାନ ଜାତୀୟ ପତାକା, ସମ୍ବିଧାନ ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ'କୁ ଆଇନଗତ ସୁରକ୍ଷା ପ୍ରଦାନ କରେ। ସଦ୍ୟତମ ପରିବର୍ତ୍ତନ ସହିତ, ବନ୍ଦେ ମାତରମ୍ ମଧ ଏହି ଆଇନ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା ପାଇବ।




# ପରମେଶ୍ୱର

ଶିବ ବା ମହାଦେବ ହିନ୍ଦୁମାନଙ୍କ ଶ୍ରେଷ୍ଠ ଦେବତାତ୍ରୟଙ୍କ ମଧ୍ୟରୁ ଅନ୍ୟତମ ଓ ପରମେଶ୍ୱରଙ୍କ ସଂହାରଶକ୍ତି । ମହାଦେବଙ୍କୁ ଶକ୍ତିନିହିତ ଲିଙ୍ଗମୂର୍ତ୍ତିରେ ପୂଜା କରାଯାଏ । ତିନି ଗୋଟି ଆଖି, ପାଞ୍ଚ ଗୋଟି ମୁଖ, ବୃଷଭ ଏହାଙ୍କର ବାହାନ । ଅତ୍ରିମୁନି ଏହାଙ୍କର ଗୁରୁ । ସବୁପ୍ରକାର ଅସ୍ତ୍ରଶସ୍ତ୍ର ଚାଳନାରେ ଏ ଦକ୍ଷ । ତ୍ରିଶୂଳ ଏହାଙ୍କର ପ୍ରଧାନ ଆୟୁଧ । ଏହାଙ୍କ ଧନୁର ନାମ ପିନାକ । ଡମ୍ବରୁ ଏହାଙ୍କ ବାଦ୍ୟ । ଏହାଙ୍କର ତାଣ୍ଡବ ନୃତ୍ୟ ଅତି ଭୟଙ୍କର । ଏହାଙ୍କ ବାସ କୈଳାସ ଶିଖର । ଏହାଙ୍କ ପରିଧାନ ବ୍ୟାଘ୍ରଚର୍ମ ।ସର୍ପ ଏହାଙ୍କର କଟିବନ୍ଧ ଓ ଉତ୍ତରୀୟ । ଦେହ ଭସ୍ମ ବୋଳା, ମୁଣ୍ଡରେ ଜଟା ଓ ଜଟାରେ ଗଙ୍ଗା ପ୍ରବହମାନା । ନନ୍ଦୀ ଏହାଙ୍କ ପ୍ରଧାନ ପାର୍ଶ୍ୱଚର । ପ୍ରମଥଗଣ ବା ଭୂତପ୍ରେତ ଏହାଙ୍କର ସହଚର । ପାର୍ବତୀ ହେଉଛନ୍ତି ଶିବଙ୍କ ଶକ୍ତି ।ଶିବ ପରାଶକ୍ତିଦ୍ୱାରା ପ୍ରକାଶିତ ହୁଅନ୍ତି । ଅର୍ଥାତ୍ ଶିବଙ୍କ ଜ୍ୟୋତି ହେଉଛି ପରାଶକ୍ତି ।

## ପୌରାଣିକ

ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ହିନ୍ଦୁଧର୍ମ ବିଶ୍ୱାସରେ ସୃଷ୍ଟି, ସ୍ଥିତି ଓ ସଂହାରର ନିୟନ୍ତା ରୂପେ ବିବେଚନା କରାଯାଏ । ମହେଶ୍ୱର ଶିବ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ, ଅପଶକ୍ତି, ଅନ୍ୟାୟ ଓ ଅନୀତିକୁ ସଂହାର କରି ସଂସାରକୁ ସୁଖଶାନ୍ତି ପ୍ରଦାନ କରନ୍ତି । ସେ ଦେବଦେବ ମହାଦେବ-ସତ୍ୟ, ଶିବ, ସୁନ୍ଦର । ସେ ଅକାଳମୃତ୍ୟୁ ହରଣର ମହାଶକ୍ତି ମୃତ୍ୟୁଞ୍ଜୟ । ସାଗର ମନ୍ଥନରୁ ଜାତ ହଳାହଳ ବିଷ ପ୍ରକୋପରୁ ସମଗ୍ର ସୃଷ୍ଟିକୁ ରକ୍ଷା କରିବା ପାଇଁ ଶିବ ସେହି ବିଷ ନିଜେ ପାନ କରିଦେବାରୁ ତାଙ୍କର କଣ୍ଠ ନୀଳବର୍ଣ୍ଣ । ତେଣୁ ତାଙ୍କର ନାମ ନୀଳକଣ୍ଠ ମୃତ୍ୟୁଞ୍ଜୟ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଶିବଙ୍କ କୃପାରୁ ମନୁଷ୍ୟ ଅକାଳ ମୃତ୍ୟୁକୁ ଜୟ କରିପାରେ । ଶିବ ପଞ୍ଚାକ୍ଷର ମନ୍ତ୍ର ଓଁ ନମଃ ଶିବାୟ ଜପର ଫଳ ସ୍ୱରୂପ ମନୁଷ୍ୟ ସଦଜ୍ଞାନ ଲାଭକରି ସାଂସାରିକ ଦୁଃଖତାପରୁ ମୁକ୍ତି ପାଏ । ଜୀବଜଗତର ଜନ୍ମ ମୃତ୍ୟୁର କାଳ ସ୍ୱରୂପ ଶିବ ହେଉଛନ୍ତି ମହାକାଳେଶ୍ୱର ।






# ଧର୍ମ

ଧର୍ମ ହେଉଛି ହିନ୍ଦୁ ଧର୍ମର ସବୁଠାରୁ ଗଭୀର ଏବଂ ମୂଳ ଧାରଣା ମଧ୍ୟରୁ ଗୋଟିଏ, ଯାହା ବିଶ୍ୱବ୍ୟାପୀ କ୍ରମ ଏବଂ ବ୍ୟକ୍ତିଗତ ଧାର୍ମିକତାର ନୀତିକୁ ଧାରଣ କରିଥାଏ । 'ଧର୍ମ' ଶବ୍ଦଟି ସଂସ୍କୃତ ମୂଳ 'ଧରି' ରୁ ଆସିଛି, ଯାହାର ଅର୍ଥ 'ବଜାୟ ରଖିବା' କିମ୍ବା 'ବଜାୟ ରଖିବା' । ଏହା ବ୍ରହ୍ମାଣ୍ଡରେ ଏବଂ ବ୍ୟକ୍ତି ମଧ୍ୟରେ ସମନ୍ୱୟ ବଜାୟ ରଖୁଥିବା ନିୟମ, କର୍ତ୍ତବ୍ୟ ଏବଂ ନୈତିକ ନୀତିଗୁଡ଼ିକୁ ବୁଝାଏ । ଧର୍ମ ଗତିଶୀଳ ଏବଂ ପ୍ରାସଙ୍ଗିକ, ବ୍ୟକ୍ତିର ବୟସ, ଭୂମିକା ଏବଂ ପରିସ୍ଥିତି ଅନୁସାରେ ଭିନ୍ନ ଭିନ୍ନ । ଉଦାହରଣ ସ୍ୱରୂପ, ଜଣେ ଛାତ୍ର (ବ୍ରହ୍ମଚର୍ଯ୍ୟ) ର ଧର୍ମରେ ଶିକ୍ଷା ଏବଂ ଶୃଙ୍ଖଳା ଅନ୍ତର୍ଭୁକ୍ତ, ଯେତେବେଳେ ଜଣେ ଗୃହସ୍ଥ (ଗୃହସ୍ଥ) ର ଧର୍ମରେ ପରିବାରର ଯତ୍ନ ନେବା ଏବଂ ସମାଜରେ ଅବଦାନ ଦେବା ଅନ୍ତର୍ଭୁକ୍ତ । ସେହିପରି, ଜଣେ ଯୋଦ୍ଧାଙ୍କ ଧର୍ମ ସୁରକ୍ଷା ଏବଂ ନ୍ୟାୟ ଉପରେ ଗୁରୁତ୍ୱାରୋପ କରେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ, ଧର୍ମ ଅନୁସରଣ କରିବା ଜଣେ ବ୍ୟକ୍ତିକୁ ଈଶ୍ୱରୀୟ କ୍ରମ ସହିତ ସମନ୍ୱିତ କରେ, ଆନ୍ତରିକ ଶାନ୍ତି ଆଣେ ଏବଂ ମୁକ୍ତିର ଚୂଡ଼ାନ୍ତ ଲକ୍ଷ୍ୟ (ମୋକ୍ଷ) ଆଡକୁ ନେଇଯାଏ । ଭଗବଦ୍ ଗୀତା ବ୍ୟକ୍ତିଗତ ଲାଭ ଅପେକ୍ଷା କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇ ନିଜ ଧର୍ମକୁ ନିଃସ୍ୱାର୍ଥପର ଭାବରେ ପାଳନ କରିବାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ ।


# ପ୍ରଭୁ ବିଷ୍ଣୁଙ୍କ ଦ୍ୱିତୀୟ ଅବତାର କଚ୍ଛପ



ଦ୍ୱିତୀୟ ଅବତାରରେ କଚ୍ଛପ ରୂପେ ଆବିର୍ଭୂତ ହୋଇ ସମୁଦ୍ର ମନ୍ଥନ ବେଳେ ମନ୍ଦର ପର୍ବତକୁ ନିଜ ପୃଷ୍ଠରେ ଧାରଣ କରିଥିଲେ ପ୍ରଭୁ । ଦୁର୍ବାସାଙ୍କ ଅଭିଶାପରୁ ଇନ୍ଦ୍ର ଶ୍ରୀହୀନ ହେବାରୁ ଲକ୍ଷ୍ମୀ ସ୍ୱର୍ଗରୁ ଯାଇ ସମୁଦ୍ର ଗର୍ଭରେ ବାସ କଲେ । ବ୍ରହ୍ମାଙ୍କ ଉପଦେଶ ଅନୁସାରେ ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ ଓ ବାସୁକୀକୁ ମନ୍ଥନ ରଜ୍ଜୁ କରି ରଜ୍ଜୁର ଏକ ପାଖକୁ ଦେବତାଗଣ ଓ ଅନ୍ୟ ପାଖକୁ ଅସୁରମାନେ ଟାଣି ସମୁଦ୍ରକୁ ମନ୍ଥନ କଲେ । ମନ୍ଥନ ଫଳରେ ପ୍ରଥମେ ହଳାହଳ ବିଷ ବାହାରିଲା । ଏ ବିଷର ଜ୍ୱାଳାରେ ସମସ୍ତେ ଅସ୍ଥିର ହୋଇ ମହାଦେବଙ୍କୁ ସ୍ମରଣ କଲେ । ଦେବଙ୍କ ଦେବ ମହାଦେବ ଉକ୍ତ ବିଷକୁ ପାନ କରିଥିଲେ । ତତ୍ପରେ ପୁଣି ମନ୍ଥନ କରିବାରୁ ସମୁଦ୍ର ମଧ୍ୟରୁ ଚନ୍ଦ୍ର, ପାରିଜାତ, ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ଗଜ, ସୁରଭୀ ଗାଇ, ଲକ୍ଷ୍ମୀ ଓ ଧନ୍ୱନ୍ତରୀ ଅମୃତଭାଣ୍ଡ ସହିତ ବାହାରିଲେ । ଅସୁରମାନେ ଅମୃତଭାଣ୍ଡ ହରଣ କରିବାକୁ ଉଦ୍ୟତ ହେବାରୁ ବିଷ୍ଣୁ ମୋହିନୀ ରୂପ ଧରି ଅସୁରମାନଙ୍କୁ ଅମୃତ ନ ଦେଇ ଦେବତାମାନଙ୍କୁ ଅମୃତ ଦେଲେ । ଏଥିଯୋଗୁଁ ଦେବ ଓ ଅସୁରମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା । ନାରଦମୁନି ସେହି ଯୁଦ୍ଧ ନିବାରଣ କରିଥିଲେ । ଦେବତାମାନଙ୍କଦ୍ୱାରା ଆହତ ଅସୁରମାନଙ୍କୁ ଅସୁରଗୁରୁ ଶୁକ୍ରାଚାର୍ଯ୍ୟ ଜୀବନଦାନ ଦେଇଥିଲେ ।

# ଭଗବତ୍ ପ୍ରାପ୍ତିର ଫଳ କ'ଣ ?

***ନିଜ ଚେଷ୍ଟାରେ ଆମେ ନିଜକୁ ଯେତିକି ଯୋଗ୍ୟ କରିଥାଏ, ଶେଷରେ ଆମେ ସେତିକି ହିଁ ପ୍ରାପ୍ତ କରେ । ଯେଉଁମାନେ ନିଜର ଚେତନାକୁ ଭଗବାନଙ୍କ ପ୍ରତି ବିମୁଖ କରିଥାଆନ୍ତି, ସେମାନେ ଜନ୍ମମୃତ୍ୟୁର ଚକ୍ରରେ ଘୁରୁଥାଆନ୍ତି ଏବଂ ଯେଉଁମାନେ ଅନନ୍ୟ ଭାବରେ ଭଗବାନଙ୍କର ଶରଣାଗତ ହୁଅନ୍ତି, ସେମାନେ ଭଗବାନଙ୍କର ଦିବ୍ୟ ଲୋକ ପ୍ରାପ୍ତ କରନ୍ତି ।***



ଆତ୍ମମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ - ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା । ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ । ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନ ଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ ।

ସେହିପରି ମାୟିକ୍ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଆନ୍ତି ଯେ ଆମର ଚେତନା ଦୋଷଯୁକ୍ତ ଅଟେ । ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ । ନିଜ ଚେଷ୍ଟାରେ ଆମେ ନିଜକୁ ଯେତିକି ଯୋଗ୍ୟ କରିଥାଏ, ଶେଷରେ ଆମେ ସେତିକି ହିଁ ପ୍ରାପ୍ତ କରେ । ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଳେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍‌ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ ।

# ବୋଲବମ୍



ବୋଲ ବମ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବକ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମାଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବ ମନ୍ଦିରରେ ଭକ୍ତମାନେ ଶିବଙ୍କ ମସ୍ତକରେ ପାଣି ଢାଳନ୍ତି । ବୋଲ ବମ ଯାତ୍ରାରେ ଭାଗନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କହାଯାଏ । ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ବହୁ ଭକ୍ତ କଟକରୁ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢାଳନ୍ତି । ଏହା ବ୍ୟତିତ ଓଡ଼ିଶାର ଅନ୍ୟାନ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଆଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଏହି ଧାର୍ମିକ ଯାତ୍ରାରେ ଆଜିକାଲି ମହିଳାମାନେ ମଧ୍ୟ ବହୁ ସଂଖ୍ୟାରେ ଭାଗ ନେଲେଣି । ଯାତ୍ରା ସମୟରେ 'କାଉଡ଼ିଆ'ମାନଙ୍କର ସେବା ଶୁଶ୍ରୂଷା ତଥା ଯାତ୍ରା କଷ୍ଟ ଲାଘବ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ସାଧାରଣ ଜନତା ରାସ୍ତାକଡ଼ରେ ବିଶ୍ରାମ ଓ ଜଳଯୋଗର ବ୍ୟବସ୍ଥା କରିଥାନ୍ତି ।

## ପୌରାଣିକ ମତ:-

ଦେବତା ଓ ଅସୁରମାନଙ୍କଦ୍ୱାରା କରାଯାଇଥିବା ସମୁଦ୍ରମନ୍ଥନ ଯୋଗୁଁ , ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା । ଦେବତାମାନଙ୍କ ଅନୁରୋଧକ୍ରମେ, ମହାଦେବ ସେହି ବିଷପାନ କରିଥିଲେ । ସେହି ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ବିଷପାନ ଯନ୍ତ୍ରଣାକୁ ଲାଘବ କରିବା ପାଇଁ, ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢାଳିଥିଲେ । ଏହାକୁ ମନେପକାଇବା ପାଇଁ, ପ୍ରତିବର୍ଷ ଶ୍ରାବଣ ମାସରେ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଏ ।

# ମହାଦେବଙ୍କ କୃପାଲାଭ


ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଶ୍ରାବଣ ହେଉଛି ବର୍ଷର ପଞ୍ଚମ ମାସ । ଏହି ସମ୍ପୂର୍ଣ୍ଣ ମାସଟି ଭଗବାନ ଶିବଙ୍କ ଭକ୍ତି ପାଇଁ ଅତ୍ୟନ୍ତ ପବିତ୍ର ଏବଂ ମହାଦେବଙ୍କ କୃପାଲାଭର ସବୁଠାରୁ ଶୁଭ ଅବସର ଭାବେ ବିବେଚନା କରାଯାଏ । ଶ୍ରାବଣ ମାସରେ ଶିବ ଭକ୍ତି ସହିତ ଖାଦ୍ୟପେୟ, ଆଚରଣ ଏବଂ ଜୀବନଶୈଳୀ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାକୁ କୁହାଯାଇଥାଏ । ଏହି ମାସରେ କେତେକ ନିୟମ ପାଳନ କରିବା ଏବଂ କିଛି କଥାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ ।

**ଶ୍ରାବଣ ମାସରେ ଏହା କରିବା ନିଷେଧ:**

**ତାମସିକ ଖାଦ୍ୟର ବର୍ଜନ:** ଶ୍ରାବଣର ପବିତ୍ର ମାସରେ ପିଆଜ, ରସୁଣ, ଆମିଷ ଏବଂ ମଦ୍ୟପାନ ନ କରିବାକୁ ପରାମର୍ଶ ଦିଆଯାଇଛି । ଏହାଛଡ଼ା ଏହି ମାସରେ ବିଶେଷ ଭାବରେ ବାଇଗଣ ନ ଖାଇବାକୁ ମଧ୍ୟ କୁହାଯାଇଥାଏ ।

**କ୍ରୋଧ ଏବଂ ଝଗଡ଼ା:** ଶିବ ଭକ୍ତିର ଏହି ପବିତ୍ର ମାସରେ ଅଶାଳୀନ ଭାଷା ପ୍ରୟୋଗ, କ୍ରୋଧ ଏବଂ କଟୁ କଥା କହିବାଠାରୁ ଦୂରେଇ ରୁହନ୍ତୁ । ପରିବାରରେ ଝଗଡ଼ା, କଳହ ଏବଂ ଅଶାନ୍ତିଠାରୁ ଦୂରେଇ ରହି ଘରର ପରିବାରକୁ ଶାନ୍ତ ରଖନ୍ତୁ ଏବଂ ମଧୁର ବ୍ୟବହାର କରନ୍ତୁ ।

**ଏହିସବୁ ଫୁଲ ଚଢ଼ାନ୍ତୁ ନାହିଁ:** ପୂଜା ସମୟରେ ଭଗବାନ ଶିବଙ୍କୁ କେତକୀ ଏବଂ କେବଡ଼ା ଫୁଲ ଚଢ଼ାନ୍ତୁ ନାହିଁ । ଏହାବ୍ୟତୀତ ତାଙ୍କୁ ତୁଳସୀ, ସିନ୍ଦୂର, କୁମୁମ, ହଳଦୀ ଏବଂ ଶଙ୍ଖରେ ଜଳ ମଧ୍ୟ ଆଦୌ ଅର୍ପଣ କରନ୍ତୁ ନାହିଁ ।



**ପୂଜାରେ ଅସାବଧାନତା:** ଶ୍ରାବଣରେ ଶ୍ରଦ୍ଧା, ନିୟମ ଏବଂ ପବିତ୍ରତା ସହିତ ଭଗବାନ ଶିବଙ୍କ ପୂଜା ଅର୍ଚ୍ଚନା କରନ୍ତୁ । ଏହି ମାସରେ ଦେଖାଣିଆ କାମ ଅପେକ୍ଷା ଭାବ ଏବଂ ସମର୍ପଣର ମହତ୍ତ୍ୱ ଅଧିକ ରହିଛି ।

**ଶ୍ରାବଣ ମାସରେ କେଉଁ କାମ କରିବା ଶୁଭ ?**

ଶ୍ରାବଣରେ ଶିବଲିଙ୍ଗ ଉପରେ ଜଳାଭିଷେକ କରନ୍ତୁ

ପାର୍ଥିବ ଶିବଲିଙ୍ଗର ରୁଦ୍ରାଭିଷେକ କରିବାର ମହତ୍ତ୍ୱ ଏହି ମାସରେ ବହୁତ ଅଧିକ ।

ପ୍ରତ୍ୟେକ ସୋମବାର ଦିନ ଶିବଜୀଙ୍କର ରୁଦ୍ରାଭିଷେକ କରନ୍ତୁ ।

ଶିବ ପୁରାଣ ପାଠ କରନ୍ତୁ ।

ଦାନ କରନ୍ତୁ ।

ଶ୍ରାବଣରେ ପ୍ରତିଦିନ ମହାଦେବଙ୍କ ମନ୍ତ୍ର ଜପ କରନ୍ତୁ ।

## ବିଭିନ୍ନ ସ୍ଥାନରେ ଗୁରୁ ପୂର୍ଣ୍ଣିମା ଉତ୍ସବ



**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପରିସରରେ ଚାଲିଥିବା ତିନିଦିନିଆ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଆଜି ମହାଯଜ୍ଞର ପୂର୍ଣ୍ଣାହୁତି ସ୍ୱରୂପରେ ଆଜି ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଗତ ୨୭ ତାରିଖରେ ଭବ୍ୟ କଳସ ଯାତ୍ରା ଏବଂ ମହାଯଜ୍ଞର ପ୍ରଥମ ଦିବସ ପୂଜାର୍ଚ୍ଚନାରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ଦ୍ୱିତୀୟ ଦିନରେ ବାବାଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଆଜି ଉତ୍ସବର ଶେଷ ଦିନରେ ବିଧିବଦ୍ଧ ଭାବେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଆଜି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦାନ କରି ବାବାଙ୍କର ଆଶିଷ ଲାଭ କରିଥିଲେ। ସନ୍ଧ୍ୟାରେ ପ୍ରସାଦ ସେବନ ଏବଂ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିରିଡ଼ିସାଇ ବାବା ମନ୍ଦିର ସେବା ସଂସ୍ଥା, ନିରାକାରପୁର, ଖୋର୍ଦ୍ଧା ଏବଂ ନିରାକାରପୁର ସାଇପରିବାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉତ୍ସବ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

**ବୁଢ଼ାପଡ଼ା:** ବୁଢ଼ାପଡ଼ା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆଜି ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଏକ ଉତ୍ସବ ବାଲିପଦର ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଭଗବାନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ପୋଚାଲୁଣ୍ଡି ସରପଞ୍ଚ ସୁକାନ୍ତ ଭୂମାଗୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଅଞ୍ଚଳର ଅବସରପ୍ରାପ୍ତ ୭୦ରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ସମ୍ବର୍ଦ୍ଧିତ ଗୁରୁଜନମାନେ ଶିକ୍ଷକ ଜୀବନର ଦୀର୍ଘ ଅନୁଭୂତି ଓ ଗୁରୁ-ଶିଷ୍ୟ ପରମ୍ପରାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଆଜିର ଛାତ୍ରଛାତ୍ରୀମାନେ ଉଚିତ୍ ଶିକ୍ଷା ଓ ସଂସ୍କାର ଗ୍ରହଣ କରି ଆଗାମୀ ଦିନରେ ନିଷ୍ଠାପର ନାଗରିକ ଭାବେ ଗଢ଼ିଉଠିବାକୁ ସେମାନେ ପରାମର୍ଶ ଦେଇଥିଲେ। ପୋଚାଲୁଣ୍ଡି ଅଞ୍ଚଳରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

## ଜିଲ୍ଲାସ୍ତରୀୟ 'ପ୍ରୟାସ' କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଯୁଗ୍ମ ବୈଠକ

କେନ୍ଦ୍ରାପଡ଼ା,(ନିପ୍ର): ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ସ୍ୱତନ୍ତ୍ର ପଦକ୍ଷେପକ୍ରମେ 'ପ୍ରୟାସ' କାର୍ଯ୍ୟକ୍ରମର ଫଳପ୍ରଦ ଓ ସୁଚାରୁ ରୂପାୟନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ବୈଠକ ଓ୍ୱାନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ 'ପ୍ରୟାସ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ରକ୍ତହୀନତା ନିରାକରଣ କାର୍ଯ୍ୟକ୍ରମ 'ଅମ୍ଳାନ'ର ସଠିକ୍ କାର୍ଯ୍ୟକାରିତା, ବାଲ୍ୟ ବିବାହ ରୋକିବା, ଏହା ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା, ମାତୃ ମୃତ୍ୟୁ, ଏଚ୍.ଆଇ.ଭି. ସଂକ୍ରମଣ ଏବଂ ଅନ୍ୟାନ୍ୟ ରୋଗର ପ୍ରତିରୋଧ ପାଇଁ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## କେଲିଆ ଶୈବ ପୀଠରେ ବୋଲବମ ପାଇଁ ପ୍ରସ୍ତୁତି

ନବରଙ୍ଗପୁର,(ନିପ୍ର): ଡାବୁଗାଁ ବ୍ଲକ ଅଧିନସ୍ତ କେଲିଆ ମନ୍ଦିର ଠାରେ ଚଳିତ ବର୍ଷ ବୋଲବମ ପାଇଁ କେଲିଆ ମନ୍ଦିର ସଭାପତି ଡାବୁଗାଁ ତହସିଲଦାର ଗୀତା ମୁର୍ମୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହେଲା। ଚଳିତ ବର୍ଷ ବୋଲବମ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିଭଳି ସମସ୍ତଙ୍କୁ ସହଯୋଗ ଏବଂ ମନ୍ଦିର କମିଟିର ତଦାରଖରେ ସବୁ କାମ ସୁରୁଖୁରୁରେ ହେବ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର ସମ୍ପାଦକ ଦେବରାଜ ପାତ୍ର ଗତ ବୈଠକର ବିବରଣୀ ପାଠ କରିବା ସହ ଆଲଚନା ଆରମ୍ଭ କରିଥିଲେ । ଏହି ବୈଠକରେ ସମ୍ପାଦକ ଶ୍ରୀ ଦେବରାଜ ପାତ୍ର, କସାଧକ୍ଷ ଜି. ସାଇ ରାଜୁ, ଉପସଭାପତି ବୀଣା ମାଝୀ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ମିଶ୍ର , ଚାଚାରଗୁଡା ସରପଞ୍ଚ ରାଞ୍ଜୁ ଭତ୍ରା, ବଂଶୀ ମାଝୀ,ଭାଗିରଥି ନାୟକ, ପଦମ ଭତ୍ରା ଏବଂ ଆଖ ପାକ ଗ୍ରାମର ଲକମାନେ ଉପସ୍ଥିତ ଥିଲେ ।

## ଖାଲି ହେଉଛି ବିଜେଡି ଗଡ !

ଗୋଲାମୁଣ୍ଡା (ନି. ପ୍ର ): ରାଜନୈତିକ ଦଳର ସଫଳତା ପଛରେ ତୃଣମୂଳ ସ୍ତରର କର୍ମୀଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଦଳର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ନିର୍ବାଚନୀ ସଂଗଠନକୁ ସକ୍ରିୟ ରଖନ୍ତି। କିନ୍ତୁ ଯେତେବେଳେ କର୍ମୀଙ୍କ ପରିଶ୍ରମ ଓ ମତାମତକୁ ଯଥୋଚିତ ଗୁରୁତ୍ୱ ମିଳେ ନାହିଁ, ସେତେବେଳେ ସଂଗଠନ ଭିତରେ ଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। ଏକଦା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ବିଜେଡିର ଗଡ଼ ଭାବେ ପରିଚିତି ଥିଲା । ଏହି ନିର୍ବାଚନ ମଣ୍ଡଳୀରେ ଜୁନାଗଡ଼ ବିଧାୟକ ୩ ଥର ବିଜୟୀ ହୋଇ ବିଧାନସଭାରେ ନିଜର ଦବଦବା ଜାରି ରଖିଛନ୍ତି । ଦିନ ଥିଲା ଗୋଲାମୁଣ୍ଡା ସାରା ବିଜେଡିର ଜୟଗାନ ହେଉଥିଲା କିନ୍ତୁ ବର୍ତ୍ତମାନ ଲୋକେ ବିଜେଡିକୁ ପରିତ୍ୟାଗ କରି ବିଜେପି ଆଡ଼କୁ ଅନେକ ଢଳିଲେଣି । ରାଜନୈତିକ ମହଲରେ ପ୍ରାୟତଃ ଏଭଳି ଚର୍ଚ୍ଚା ହୁଏ ଯେ, କର୍ମୀଙ୍କ ସହ ଦୂରତା ବଢ଼ିଲେ ସଂଗଠନ ଦୁର୍ବଳ ହୁଏ ଏବଂ ଏହାର ପ୍ରଭାବ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ମଧ୍ୟ ପଡ଼େ। କେତେକ କ୍ଷେତ୍ରରେ ଏହି ଅସନ୍ତୋଷ ଦଳବଦଳ ଭଳି ଘଟଣାକୁ ପ୍ରୋତ୍ସାହନ ଦେଇପାରେ। ତେବେ ପ୍ରତ୍ୟେକ ଦଳବଦଳର କାରଣ ସମାନ ନୁହେଁ। ନେତୃତ୍ୱ ସହ ମତଭେଦ, ରାଜନୈତିକ ରଣନୀତି, ସ୍ଥାନୀୟ ସମୀକରଣ, ନିର୍ବାଚନୀ ସମ୍ଭାବନା ଓ ବ୍ୟକ୍ତିଗତ ନିଷ୍ପତ୍ତି ମଧ୍ୟ ଏଥିରେ ଭୂମିକା ନେଇପାରେ। ଗୋଲାମୁଣ୍ଡା ବ୍ଲକରେ କଂଗ୍ରେସର ସ୍ଥିତି ଦୟନୀୟ ଥିବା ବେଳେ ବିଜେଡିର ମଧ୍ୟ ସମାନ ଅବସ୍ଥା । ବର୍ତ୍ତମାନ ବିଜେପି ଦଳ ନିଜର କାୟା ବିସ୍ତାର କରିବା ପାଇଁ ବିଜେଡି ଓ କଂଗ୍ରେସର କର୍ମୀ ମାନଙ୍କୁ ଲୋଭ ଦେଖାଇ ନିଜ ଦଳରେ ଯୋଗଦାନ କରାଉଥିବା ଚର୍ଚ୍ଚା ହେଉଛି ।

## ଜବରଦଖଲକାରୀଙ୍କ ଯୋଗୁଁ ସଙ୍କୁଚିତ ହେଉଛି ଶୁଳିଆ ଛକରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତା



କଣ୍ଟିଲୋ (ନି.ପ୍ର): ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଶୁଳିଆ ଛକରୁ ନିକଟସ୍ଥ କଣ୍ଟିଲୋ ପେଟ୍ରୋଲ ଟାଙ୍କୀ ଛକକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲକାରୀଙ୍କ ଯୋଗୁଁ ସମୟାନୁକ୍ରମେ ସଂକୁଚିତ ହେବାରେ ଲାଗିଛି। ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାକୁ ଜବରଦଖଲକାରୀ ମାନେ ଅନଧିକାର ଭାବେ ଜବରଦଖଲ କରି ରଖିଥିବା ପରିଲକ୍ଷିତ ହେଉଛି ।ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ଭାବେ ପରିଗଣିତ ହେଉଥିଲେ ହେଁ ସ୍ଥାନୀୟ ଅଞ୍ଚଳର ଜବରଦଖଲକାରୀମାନେ ଡ୍ରେନ ଉପରେ ସ୍ଥାୟୀ ଭାବେ ଦୋକାନ ଗୃହ ନିର୍ମାଣ କରିଥିବା ଜଣାପଡିଛି ।ଫଳରେ ମୁଖ୍ୟ ରାସ୍ତା ସଂକୁଚିତ ହେବାରେ ଲାଗିଥିବାରୁ ଭାରିଯାନ ଓ ଯାତ୍ରୀବାହୀ ବସ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ତେଣୁ ସର୍ବସାଧାରଣ ଓ ପର୍ଯ୍ୟଟକ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରାଚୀ ନଦୀରେ ଜଳ ଭର୍ତ୍ତି: ନିଷ୍କାସନ ବାଧାପ୍ରାପ୍ତ

## ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପୋଲ

କାକଟପୁର(ନିପ୍ର): ଐତିହାସିକ ପ୍ରାଚୀ ନଦୀରେ ଦଳ ଏବଂ ଜଳକୁମ୍ଭୀର ଭର୍ତ୍ତି ହୋଇଯିବା କାରଣରୁ ଏହାର ଜଳ ପ୍ରବାହ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ନଦୀ ଗର୍ଭରୁ ଆବର୍ଜନା ସଫା କରାଯାଉ ନଥିବାରୁ ଜଳ ନିଷ୍କାସନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଲା, ନଦୀର ବିଭିନ୍ନ ସ୍ଥାନରେ ଥିବା ପୋଲ ବା ବ୍ରିଜ୍ ଗୁଡ଼ିକର ପିଲର୍ ମଧ୍ୟରେ ଏହି ଦଳ ଏବଂ ଆବର୍ଜନା ଜମିରହି ବ୍ରିଜ୍ ପ୍ରତି ଏକ ବଡ଼ଧରଣର ବିପଦ ସୃଷ୍ଟି କରିଛି। ନଦୀର ସ୍ରୋତ ଅବରୁଦ୍ଧ ହୋଇଯିବା ଏବଂ ବର୍ଷା ଦିନେ ପାଣିର ଚାପ ବୃଦ୍ଧି ପାଉଥିବାରୁ, ପୋଲଗୁଡ଼ିକର ତଳ ଅଂଶରେ ଦଳ ଜମିରହି ଜଳ ପ୍ରବାହକୁ ଅଧିକ ପ୍ରତିହତ କରୁଛି।



ଫଳରେ ବ୍ରିଜ୍ ଉପରେ ଅଧିକ ଜଳଚାପ ପଡ଼ିବା ସହ ପୋଲର ମୂଳଦୁଆ ଏବଂ ପିଲର୍ ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଯଦି ତୁରନ୍ତ ଏହାର ପ୍ରତିକାର କରା ନ ଯାଏ, ତେବେ ଆଗକୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ପ୍ରାଚୀ ନଦୀର ପୁରୁଣା ଓ ନୂତନ ବ୍ରିଜ୍ ଗୁଡ଼ିକ ବିପଦରେ ପଡ଼ିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି ।ନଦୀର ଜଳ ନିଷ୍କାସନ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ନଦୀ କୂଳିଆ ଅଞ୍ଚଳର ହଜାର ହଜାର ଏକର ଚାଷଜମି ଏବେ ଜଳବନ୍ଦୀ ହେବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ନଦୀର ଦୂଷିତ ପାଣି ଏବଂ ଦେଖାଦେଇଥିବା ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଲୋକ ଏବଂ କଲେଜ ଛାତ୍ର, ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ମାଡ଼ି ଆସୁଛି। ନଦୀର ସ୍ରୋତକୁ ସ୍ୱାଭାବିକ କରିବା ଏବଂ ବ୍ରିଜଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଜଳସମ୍ପଦ ବିଭାଗ ପକ୍ଷରୁ ମେସିନ୍ ଲଗାଇ ଦଳ ଓ ଜଳକୁମ୍ଭୀର ସଫା କରାଯାଉ ବୋଲି ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ଯାତ୍ରୀମାନେ ଦୃଢ଼ ଦାବି କରିଛନ୍ତି।

## ୬ ଦିନ ହେବ ଅନ୍ଧାରରେ ବଡ଼ମାଳ ସମେତ ୩ପଞ୍ଚାୟତ

### ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ଦାବି



ରେଢ଼ାଖୋଲ,(ନିପ୍ର): ସରକାର ଆଜିକାଲି ବିଭିନ୍ନ ଯୋଜନାରେ ଗାଁ ଗାଁ କୁ ଯୋଗାଇ ଦେଉଛନ୍ତି ବିଦ୍ୟୁତ୍ । ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟ ସମସ୍ତ ଗାଁ ଗୁଡିକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ତତ୍ପର ଦେଖାଉଛି । କିନ୍ତୁ ଗତ କିଛି ଦିନ ହେବ ଲଗାଣ ବର୍ଷା ଓ ଘଡଘଡି ଯୋଗୁଁ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ବଡ଼ମାଳ ସମେତ ୩ପଞ୍ଚାୟତରେ ନାହିଁ ବିଦ୍ୟୁତ୍ । ଫଳରେ ଲଗାଣ ବର୍ଷା ଓ ଘନ ଅନ୍ଧାର ସହ ହିଂସ୍ର ଜନ୍ତୁଙ୍କ ଭୟରେ ବହୁ ଦୁଃଖ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି ବଡ଼ମାଳ ସମେତ ଭାଲିଆକଟା, ରେଙ୍ଗାଲି, ମୋଚିବାହାଲ ଆଦି ୪ଟି ପଞ୍ଚାୟତ । ଯାହା ଫଳରେ ଆଜକୁ ୬ଦିନ ହେବ ଅନ୍ଧାରରେ ହନ୍ତସନ୍ତ ହେଉଛନ୍ତି ଏଠାକାର ଗ୍ରାମବାସୀ । ଅନ୍ୟପଟେ ଲଗାଣ ବର୍ଷା ପ୍ରଭାବରେ ଚାରିଆଡ଼େ ପାଣି ପସୁଥିବା ବେଳେ କେତେବେଳେ ରାସ୍ତା ଘାଟ ଉପରେ ଆଣ୍ଠୁଏ ପାଣି ଭରି ରହୁଥିବା ଦେଖିବାକୁ ମିଳିଛି । ତେଣୁ ଲୋକେ ରାତି ହେଲେ ବର୍ଷା ଯୋଗୁଁ ପାଣି ଘେରରେ ରହୁଥିବା ବେଳେ ଘନ ଅନ୍ଧାରରେ ଜୀବନ ବିତାଇବା ସହ ହାତୀ ଭୟରେ କଟୁଛି ରାତି ବୋଲି କହିଛନ୍ତି ଏଠାକାର ଗ୍ରାମବାସୀମାନେ । ବିଦ୍ୟୁତ ବିଚ୍ଛିନ୍ନ ହେତୁ କୌଣସି ଅନଲାଇନ୍ କାମ, ଆଡିମିସନ୍, କୃଷକ କାର୍ଡ, ବ୍ୟାଙ୍କ କାମ, ପଞ୍ଚାୟତ କାମ, ତଥା ପାଠପଢ଼ା ଓ ରାତିରେ ଯାତାୟାତ ପାଇଁ ଅନେକ ସମସ୍ୟାରେ ଲୋକେ ପ୍ରଭାବିତ ହେବା ସହ କାମ ହୋଇପାରୁନାହିଁ ବୋଲି କହିଛନ୍ତି । ସବୁଠାରୁ ବଡକଥା ଏହି ଗାଁ ଗୁଡିକ ରେଢ଼ାଖୋଲ ବ୍ଲକ୍ ଅଧିନ ଥିବାବେଳେ ଉକ୍ତ ଅଞ୍ଚଳ ଗୁଡିକୁ ୧୦୦କିମି ଦୁର ଜଙ୍ଗଲ ପାହାଡ ବୁଲି ବିଦ୍ୟୁତ ଯୁଯୁମୁରା ଗ୍ରୀଡ଼ରୁ ବିଦ୍ୟୁତ୍ ଯୋଗାଣ ହେଉଥିବା ବେଳେ ସବୁବେଳେ ବିଦ୍ୟୁତ ବିଭ୍ରାଟ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଏତେଦୂରରୁ ବିଦ୍ୟୁତ୍ ଯୋଗାଣରେ ଅହରହ ତୃଟି ଦେଖାଯାଉଥିବା ହେତୁ କେଉଁଠି ବିଦ୍ୟୁତ୍ ଥିଲେ ଅନ୍ୟ କେଉଁଠାରେ ନଥିବା ଦେଖିବାକୁ ମିଳିଛି ଯେହେତୁ ଦୁର ବାଟରୁ ବିଦ୍ୟୁତ ସଂଯୋଗ ହେତୁ ଏପରି ସମସ୍ୟା ଦେଖାଯାଉଥିବାରୁ ଏଠାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ପାଇଁ ପ୍ରଶାସନ ତଥା ରେଢ଼ାଖୋଲ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରିଛନ୍ତି ୪ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁର ଗ୍ରାମବାସୀ । ଏଥିପ୍ରତି ତୁରନ୍ତ ବିଭାଗ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି। ଆଗକୁ ଶୀଘ୍ର ଏହାର ସମାଧାନ ନହେଲେ ୪ପଞ୍ଚାୟତ ମିଶି ରାଜରାସ୍ତାକୁ ଓହ୍ଲାଇବା ସହ ବିଦ୍ୟୁତ ବିଭାଗ ଅଫିସ୍ ଘେରାଉ କରିବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

## ୭ମାସ ଧରି ଅଚଳାବସ୍ଥାରେ ରାଇପୁର ସୋସାଇଟି

ନୟାଗଡ଼ (ନିପ୍ର): ନୂଆ ଗାଁ ବ୍ଲକ ରାଇପୁର ସୋସାଇଟି ୭ମାସ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି । ଫଳରେ ଅଞ୍ଚଳର ଶତାଧିକ ଚାଷୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଚାଷୀ ମାନେ ଋଣ ସୁବିଧା, ସାର ବଣ୍ଟନ ଓ ଅନ୍ୟାନ କୃଷି ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ନୟାଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ସୋସାଇଟିକୁ କାର୍ଯ୍ୟକ୍ଷମ କରିବା ସହ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୃଢ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଠିକ ସମୟରେ ଋଣ ସୁବିଧା ନ ମିଳିବାରୁ ଅନେକ ଚାଷୀ ଋଣ ଖିଲାପି ହୋଇ ପଡିଛନ୍ତି। ଫଳରେ ସେମାନେ ପରବର୍ତ୍ତୀ ସମୟରେ କୃଷି ଋଣ, ସୁଧ ରିହାତି ଓ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଭିତ୍ତିକ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଚଳିତ ଖରିଫ ଋତୁରେ ସାରର ଆବଶ୍ୟକତା ସର୍ବାଧିକ ଥିବା ସମୟରେ ଚାଷୀ ସୋସାଇଟି ମଧ୍ୟରେ ସାର ପାଇପାରୁ ନଥିବାରୁ ବାହାରୁ ଅଧିକ ଦରରେ କିଣିବାକୁ ବାଧ ହେଉଛନ୍ତି । ଯାହା ଫଳରେ ଚାଷୀ ର ଖର୍ଚ୍ଚ ବୃଦ୍ଧି ପାଇବା ସହ ଅନେକଙ୍କ ଚାଷ କାର୍ଯ୍ୟ ବିଳମ୍ବିତ ହେଉଛି। ଏହାର ବିଦ୍ଧିବଦ୍ଧ ତଦନ୍ତ କରାଯାଇ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆ ଯିବା ସଙ୍ଗେ ସଙ୍ଗେ ସୋସାଇଟିକୁ ଶୀଘ୍ର କାର୍ଯ୍ୟକ୍ଷମ କରି ଚାଷୀମାନଙ୍କୁ ଋଣ, ସାର ଓ ଅନ୍ୟାନ କୃଷି ସେବା ସ୍ୱାଭାବିକ ଭାବେ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଚାଷୀ ମାନଙ୍କ କହିବା ମୁତାବକ ,,ଖରିଫ ଋତୁରେ ଏପରି ଅଚଳାବସ୍ଥା ଚାଷ ଉତ୍ପାଦନ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ ଏବଂ ଚାଷୀ ମାନେ ଗୁରୁତର ଆର୍ଥିକ କ୍ଷତି ର ସମ୍ମୁଖୀନ ହେବେ । ତେଣୁ ଜିଲ୍ଲା ପ୍ରଶାସନ ଏହି ଘଟଣା କୁ ଗୁରୁତର ସହ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଚାଷୀ ଙ୍କ ସମସ୍ୟା ର ସ୍ଥାୟୀ ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## କାକଟପୁର ବିଜେଡି ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ




କାକଟପୁର,(ନିପ୍ର): ବିଜୁ ଜନତା ଦଳ (ବିଜେଡି) କାକଟପୁର ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଜନସ୍ୱାର୍ଥ ସମସ୍ୟା, ଦୁର୍ନୀତି ଓ କଥିତ ପିସି ପ୍ରଥା ଉଚ୍ଛେଦ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ ପଦ୍ମଚରଣ ସାମନ୍ତସିଂହାର ଟ୍ରଷ୍ଟ କାର୍ଯ୍ୟାଳୟରୁ ଦଳୀୟ କର୍ମୀ ଓ ନେତୃବୃନ୍ଦମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ବିକ୍ଷୋଭ ପରେ ଏକ ପ୍ରତିନିଧି ଦଳ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ବ୍ଲକ ଅଞ୍ଚଳରେ ବିକାଶ କାର୍ଯ୍ୟରେ ସ୍ୱଚ୍ଛତା, ଦୁର୍ନୀତି ଓ କଥିତ ପିସି ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ବିଭିନ୍ନ ଜନସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ତଥା ସ୍ଥାନୀୟ ବିଜେଡି ନେତା ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, କାକଟପୁର ସରପଞ୍ଚ ଅଭୟ ସେଠୀ, ପୁରୀଜିଲ୍ଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତ ଦାଶ,କାକଟପୁର ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ନାୟକ ଙ୍କ ସମେତ ବହୁ ବିଜେଡି କର୍ମୀ, ସମର୍ଥକ ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ଅସ୍ଥାୟୀ ପଦ ସ୍ଥାପନାକୁ ବିରୋଧ

### ବଦଳି ବାତିଲ ନହେଲେ ବିଦ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ଚେତାବନୀ

ଗୋଲାମୁଣ୍ଡା (ନି. ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ଦୁଇଜଣ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ଅନ୍ୟତ୍ର ପଦ ସ୍ଥାପନା କରାଯିବା ନିଷ୍ପତ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବଦଳି ଆଦେଶକୁ ତୁରନ୍ତ ବାତିଲ କରିବା ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର କରାନଯାଏ, ତେବେ ଆଗାମୀ ଦିନରେ ସ୍କୁଲରେ ତାଲା ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୪୯୮୮ ଅନୁସାରେ, ବୃନ୍ଦାବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ଜୟପ୍ରକାଶ ଖୁରା ଏବଂ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ଭୋବେନ୍ଦ୍ର ନାଏକଙ୍କୁ ଅସ୍ଥାୟୀ ଭାବେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ବର୍ତ୍ତମାନ ଚଳିତ ଶିକ୍ଷାବର୍ଷରେ ବୃନ୍ଦାବାହାଲ ବିଦ୍ୟାଳୟରେ ମୋଟ ୬୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୩୧୬ ଜଣ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଛନ୍ତି। ବିଦ୍ୟାଳୟରେ ପୂର୍ବରୁ ହିଁ ଶିକ୍ଷକଙ୍କ ଅଭାବ ରହିଥିବା ବେଳେ, ଏହି ଦୁଇଜଣ ଅଭିଜ୍ଞ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ଯୋଗୁଁ ପିଲାମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି। ଏହା ସ୍କୁଲର ଶିକ୍ଷାଗତ ପରିବେଶ ଉପରେ କୁପ୍ରଭାବ ପକାଉଥିବାରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାରେ ଏହି ଅସ୍ଥାୟୀ ପଦ ସ୍ଥାପନାକୁ ବିରୋଧ କରି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସ୍ୱାର୍ଥ ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଅସ୍ଥାୟୀ ପଦ ସ୍ଥାପନା ଆଦେଶକୁ ତୁରନ୍ତ ବାତିଲ କରି ସମ୍ପୃକ୍ତ ଶିକ୍ଷକଦ୍ୱୟଙ୍କୁ ପୂର୍ବଭଳି ନିଜ ବିଦ୍ୟାଳୟରେ କାର୍ଯ୍ୟରତ ରଖିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ ନାଏକ, ଉପସଭାପତି ଝିଲିମଞ୍ଜରୀ ରାଉତ, ଦିଲୀପ କୁମାର ରାଉତ,ମଦନ ରାଉତ,ଜିତେନ୍ଦ୍ର ନାଏକ ଏବଂ ନୃସିଂହ ମେହେର ସମେତ ଅଭିଭାବକ ଓ ଗ୍ରାମବାସୀ ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନିଆନଯାଏ, ତେବେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦିଆଯାଇଛି।

# ନାଗାବଳି, ଝଞ୍ଜାବତୀ ନଦୀର ବଢୁଛି ଜଳସ୍ତର: ନଦୀକୂଳିଆ ଆତଙ୍କିତ

ରାୟଗଡା, (ନିପ୍ର): ଦୁଇଦିନ ହେଲା ଜିଲ୍ଲାରେ ଚାଲିଛି ଲଗାଣ ବର୍ଷା। ରବିବାର ବିଳମ୍ବିତ ରାତ୍ରି ପରଠାରୁ ଲାଗିଛି ତୁହାକୁ ତୁହା ବର୍ଷା। ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାର ପ୍ରଭାବରେ ଝଞ୍ଜାବତୀ ଓ ନାଗାବଳୀରେ ଜଳସ୍ତର ବଢିଛି। ଅର୍ଥାତ ଦୁଇ ନଦୀର ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଛି। କୌଣସି ସ୍ଥାନରେ ବନ୍ୟା ସ୍ଥିତି ନାହିଁ। ଜାପାଗୁଡା ଠାରେ ନାଗବଳୀ ର ଜଳସ୍ତର ୧୫୩. ୧୮ ମିଟର ରହିଛି। ବଂଶଧାରା ନଦୀର ମଧ ଜଳସ୍ତର ବିପଦ ସଂକେତ ତଳେ ରହିଛି।ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ପ୍ରକାରେ, ଗୁଣପୁର ଠାରେ ବଂଶଧାରା ନଦୀର ବିପଦ ସଂକେତ ୮୪. ୦୦ ମିଟର ଥିବା ବେଳେ ବର୍ତ୍ତମାନ ନଦୀର ଜଳସ୍ତର ୮୦. ୩୯ ମିଟର ରହିଛି। ସେହିପରି କାଶୀନଗର ଠାରେ ବିପଦ ସଂକେତ ୫୪. ୬୦ ମିଟର ଥିବାବେଳେ ଜଳସ୍ତର ୫୨.



୪୦ ମିଟର ନିକଟରେ ପ୍ରବାହିତ ହେଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାଛଡା କୁଟ୍ରାଗଡ଼ରେ ନଦୀର ଜଳସ୍ତର ୨୫୮. ୫୧ ମିଟର ରହିଥିବା ବେଳେ ଏହାର ଜଳସ୍ତର ଗୁଡାରିରେ ୧୧୪. ୭୦ ମିଟର ରହିଥିବା ରେକର୍ଡ଼ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ବିଭିନ୍ନ ରେନ ଗଜ ଷ୍ଟେସନରେ ରେକର୍ଡ଼ କରାଯାଇଥିବା ବୃଷ୍ଟିପାତ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ଜଗାଗୁଡା ଠାରେ ୪୬. ୬୦ ମିମି ବର୍ଷା ହୋଇଥିବା ସୂତ୍ରରୁ ପ୍ରକାଶ। ସେହିପରି ପଦ୍ମପୁର ଠାରେ ୩୨ମିମି, ଗୁଡାରିରେ ୩୦. ୪୦, ବଡନାଳ ଡ୍ୟାମ ଅଞ୍ଚଳରେ ୧୯. ୦୦ମିମି, କୁଟ୍ରାଗଡ଼ରେ ୧୫. ୦୦ ମିମି, ଓ ଗୁଣପୁରରେ ୧୩. ୬୦ମିମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି। ବିଗତ ତିନିଦିନ ମଧ୍ୟରେ ଜିଲ୍ଲାରେ ହାରାହାରି ୩୫. ୮୬ ମିମି ବର୍ଷା ରେକର୍ଡ । ରାୟଗଡା ସଦର ବ୍ଲକରେ ୬୦. ୮ମିମି ବର୍ଷା,, କାଶିପୁର ବ୍ଲକରେ ୬୯. ୩, ସେହିପରି ପଦ୍ମପୁରରେ ୬୦. ୧, କଲୋନରାରେ ୨୩. ୪ମିମି, କଲ୍ୟାଣସିଂହପୁରରେ ୩୯. ୪ମିମି, ଗୁଣପୁରରେ ୧୯. ୦ ମିମି, ଗୁଡ଼ାରୀ ୪୨. ୪, ରାମନାଗୁଡ଼ାରେ ୩୩. ୪, ବିଷମକଟକରେ ୧୯. ୨ମିମି, ମୁନିଗୁଡାରେ ୨୦. ୫, କୁଟ୍ରା ଗଡ଼ରେ ୧୫. ୫୫ମିମି, ଗୁଣପୁରରେ ୧୩.୬୦, ମିମି ବର୍ଷା ରେକର୍ଡ଼ କରାଯାଇଛି। ଚନ୍ଦ୍ରପୁରରେ ୭. ୦ ମିମି, ସମୁଦାୟ ୩୯୪. ୫ମିମି ବର୍ଷା ହୋଇଥିବା ଜିଲ୍ଲା ଜରୁରୀ କାଳୀନ ବିଭାଗ ରେକର୍ଡ଼ କରିଛି। ସମ୍ପ୍ରତି ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଥିବା ବେଳେ ଉପରମୁଣ୍ଡରେ ହେଉଥିବା ବର୍ଷା ଏବଂ ପାଣିପାଗ ବିଭାଗର ଅନୁମାନକୁ ନଜରରେ ରଖି ନଦୀ ଗୁଡିକର ଜଳସ୍ତର ଉପରେ ନଜର ରଖି ସଜାଗ ରହିଛି ପ୍ରଶାସନ। ବର୍ତ୍ତମାନ ସୁଦ୍ଧା ସ୍ଥିତି ସ୍ୱାଭାବିକ ରହିଥିବାରୁ ଲୋକଙ୍କୁ ଭୟ କରିବାର କାରଣ କିଛିନାହିଁ ବୋଲି ପରାମର୍ଶ ଦିଆଯାଇଛି।

ତିଥି :(ପ୍ରତିପଦ): (ଶ୍ରବଣା ମକର)
ଅମୃତ ବେଳା: ରାତ୍ରି ଘ ୧ ।୩୩ ଗତେ ଘ୩।୫୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଅହିଂସା, ସମତା, ସନ୍ତୋଷ, ତପ, ଦାନ, ଯଶ ଓ ଅପଯଶ- ପ୍ରାଣୀମାନଙ୍କର ଏହି ନାନାବିଧ ପୃଥକ୍ ପୃଥକ୍ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଗମ୍ଭୀର ସମୟର ଆବଶ୍ୟକତା

ଲଘୁଚାପଜନିତ ବର୍ଷା ଏବେ ଓଡ଼ିଶାକୁ ଦାଉ ସାଜିଛି । ଜଳକା, କାଂଶବାଂଶ, ସାଳନ୍ଦୀ, ବୈତରଣୀ, ସୁବର୍ଣ୍ଣରେଖା ପ୍ରଭୃତି ଫୁଲିବା ଓ କେତେକ ତଳିଆ ଅଞ୍ଚଳରେ ପାଣି ପଶିବା ଫଳରେ ଲୋକେ କେଉଁଠି ଆଣ୍ଠୁଏ ପାଣିରେ ତ ଆଉ କେଉଁଠି ଆଣ୍ଠୁ ଉପର ଉଚ୍ଚା ପାଣିରେ ଯା'ଆସ କରୁଛନ୍ତି । ବନ୍ୟା ହେଉ, ବନ୍ୟା ପରିସ୍ଥିତି ହେଉ ତାହାର ପୂର୍ବାବସ୍ଥା, ବର୍ତ୍ତମାନ ଓ ଭବିଷ୍ୟତ ଏପରି ତିନୋଟି ସମୟର ସ୍ଥିତିରେ ସତର୍କତା ଅବଲମ୍ବନ ଯେତିକି ଗୁରୁତ୍ୱପୂର୍ଣ୍ଣ ନିର୍ଭୀକ ରହିବା ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏ ବାବଦରେ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ସଂପ୍ରତି ୬ଟି ଜିଲ୍ଲାର ୨ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ଥିବାବେଳେ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ କେନ୍ଦୁଝରରେ ସ୍ଥିତି ସଂଗୀନ ରହିଛି । ପୂର୍ଣ୍ଣିମା କାରଣରୁ ବର୍ଷା ପାଣି ଓ ବନ୍ୟା ପାଣି ନିଷ୍କାସନ ସମୟ ସାପେକ୍ଷ ହେବ । ତେବେ ସାମଗ୍ରିକ ବ୍ୟବସ୍ଥିତ ପରିଚାଳନା ସୁନିଶ୍ଚିତ କରାଇବା ଏବେ ସବୁଠୁ ବଡ଼ ଆହ୍ୱାନ ।

ବିପନ୍ନ ଥିବା ବା ବିପନ୍ନ ହେବା ଆଶଙ୍କାରେ ଥିବା ଲୋକେ ଏହି ସମୟରେ ସରକାରୀ କଳର ଆବଶ୍ୟକତା ଅଧିକ ଅନୁଭବ କରିଥାନ୍ତି । ଆବଶ୍ୟକ ସହାୟତା ଓ ସୁବିଧା ସେମାନଙ୍କ ନିକଟରେ ପହଞ୍ଚୁ ତାହା ଚାହିଁଥାନ୍ତି । ବିଶେଷକରି ତଳିଆ ଅଞ୍ଚଳରେ ଲୋକେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବା, ରନ୍ଧାଖାଦ୍ୟ ଓ ଆନୁଷଙ୍ଗିକ ଖାଦ୍ୟ ଯୋଗାଣ ସାଙ୍ଗକୁ ସେମାନଙ୍କ ବାସଗୃହ ଓ ଧନସଂପତ୍ତିର ସୁରକ୍ଷା ଦୃଷ୍ଟିରୁ ବିଭାଗୀୟ ସଜାଗତା, ସର୍ପାଘାତ ଓ ବନ୍ୟାଜନିତ ଅସୁସ୍ଥତାର ମୁକାବିଲା ପାଇଁ ପର୍ଯ୍ୟାପ୍ତ ଔଷଧ ଓ ଇଂଜେକ୍ସନ ଓ ଗୃହପାଳିତ ପଶୁଙ୍କ ସୁରକ୍ଷା ଖାଦ୍ୟ ବ୍ୟବସ୍ଥା ଏସବୁ ଠିକଣା ଭାବରେ ବ୍ୟବସ୍ଥିତ ହେବା ଲୋଡ଼ା । ବନ୍ୟା ସ୍ଥିତିରେ ଅଧିକ ପ୍ରଭାବିତ ହୋଇଥାଏ ଚାଷ ଜମି । ବିଭାଗ ଗୁଡ଼ିକ ସମନ୍ୱୟ ରକ୍ଷା କରି ବିପନ୍ନମାନଙ୍କୁ ସୁବିଧା ଯୋଗାଇବା ବିଶେଷ କରି ଯେଉଁ ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଲୋକଙ୍କ ନିକଟବର୍ତ୍ତୀ ଯେତେ ହେବେ ସମସ୍ୟା ଅଧିକ ଭାବରେ ସମାଧାନ ହୋଇପାରିବ ।

ଲୋକେ ବର୍ଷା ଓ ବନ୍ୟା ଅଧିକ ହେବା ଆଶଙ୍କାର କଳାବାଦଲ ତଳେ ରହିବା ନିଶ୍ଚିତ ରୂପେ ବିପନ୍ନତା ଭାବନା ବଢାଇବା ଏ ଦୃଷ୍ଟିରୁ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିବା ଏବଂ ନିକଟବର୍ତ୍ତୀ ନଦୀବନ୍ଧ ଗୁଡ଼ିକର ସୁରକ୍ଷା ପ୍ରତି ଧ୍ୟାନ ହେବା ସର୍ବାଦୌ ଜରୁରୀ । ବନ୍ୟା ପାଣି ଛୁଟୁଥିବା ବେଳେ ନଦୀଘାଟକୁ ଯିବା, ଗାଧୋଇବା, ଡଙ୍ଗା ଚଳାଇବା, ସେଲଫି ନେବା, ବ୍ୟାରେଜ ନିକଟରେ ଜମା ହେବା ଏସବୁ ଉପରେ କଟକଣା ଲାଗୁରହିଛି । ଏହାକୁ ସାଧାରଣ ଲୋକେ ମାନିବା ଦରକାର । ଶୂନ ଜୀବନହାନି ସରକାରଙ୍କ ସର୍ବଦା ପ୍ରାଥମିକତା ସତ୍ତ୍ୱେ ଏଯାବତ୍ ୪ ଜଣଙ୍କ ମୃତ୍ୟୁ ଘଟିଛି । ସୁତରାଂ କେବଳ ସଜାଗ ହେଲେ ଚଳିବ ନାହିଁ, ଆଗୁଆ ପଦକ୍ଷେପ ଓ କାର୍ଯ୍ୟାନ୍ୱୟନ ଅଧିକ ଲୋଡ଼ା ।

# ବୟସ ଅନୁସାରେ ଖାଦ୍ୟ

## ନାରାୟଣ ଚନ୍ଦ୍ର ବିଶ୍ୱାଳ

ସାଧାରଣତଃ ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ସ୍ୱାସ୍ଥ୍ୟକର ତଥା ସନ୍ତୁଳିତ ଖାଦ୍ୟ ବେଶ୍ ଜରୁରୀ ହୋଇଥାଏ । ସ୍ୱାସ୍ଥ୍ୟକର ଡାଏଟ ଅର୍ଥ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ । ଏକ ରିପୋର୍ଟ ଅନୁଯାୟୀ ଶରୀର ବିକାଶ ତଥା ସନ୍ତୁଳନ ରଖିବା ପାଇଁ ଛଅଟି ପୋଷକ ତତ୍ତ୍ୱ ଯଥା ଭିଟାମିନ, ପ୍ରୋଟିନ, ମିନେରାଲ୍ସ, ଫ୍ୟାଟ, ପାଣି ଏବଂ କାର୍ବୋହାଇଡ୍ରେଟ ଆବଶ୍ୟକ ହୋଇଥାଏ । ତେଣୁ ସୁସ୍ଥ ରହିବା ପାଇଁ ଦୈନିକ ଆହାରରେ ଏହି ସବୁ ପୋଷକ ତତ୍ତ୍ୱ ରହିବା ଜରୁରୀ । ୩୦-୪୦ ବର୍ଷ ବୟସ ମଧ୍ୟରେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହୋଇଥାଏ । ଏହି ବୟସରେ ପୁରୁଷ ଓ ମହିଳା ଉଭୟଙ୍କର ମେଟାବୋଲିଜିମ ଧିମା ହୋଇଯାଏ । ଫଳରେ ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢ଼ିଯାଏ । ତେଣୁ ଏହି ବୟସରେ ଖାଦ୍ୟ ଉପରେ ସନ୍ତୁଳନ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଯାହା କେତେ ଗୁଡ଼ିଏ କ୍ରୋନିକ ଡିଜିଜ ବା ଦୀର୍ଘକାଳୀନ ରୋଗର କାରଣ ବୋଲି କୁହାଯାଏ । ତେଣୁ ଏହି ବୟସରେ ଠିକ ଡାଏଟ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଫଳରେ ବିଭିନ୍ନ ପ୍ରକାର କ୍ରୋନିକ ଡିସଅର୍ଡ଼ର ହୋଇଥାଏ । ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ବେଶ୍ ଜରୁରୀ ବୋଲି ଡାଏଟିସିଆନମାନେ ପରାମର୍ଶ ଦେଇଥାନ୍ତି । ଏହି ପରିପ୍ରେକ୍ଷୀରେ ଜାଣିବା ବୟସ ଅନୁସାରେ କିପରି ରଖିବା ନିଜର ଡାଏଟ ପ୍ଲାନ ।

ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କ ପାଇଁ ଡାଏଟ ସମ୍ପର୍କରେ ଉଲ୍ଲେଖ କରୁଛୁ : ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କୁ କ୍ୟାଲସିୟମର ଆବଶ୍ୟକତା ଅଧିକ ରହିଥାଏ । ସେମାନଙ୍କୁ ଦୈନିକ ୫୦୦-୬୫୦ ମିଲିଗ୍ରାମ କ୍ୟାଲସିୟମ ଶାରୀରିକ ବିକାଶ ପାଇଁ ଆବଶ୍ୟକ ହୁଏ ବୋଲି ବିଶେଷଜ୍ଞମାନେ କହନ୍ତି । ତେଣୁ ପିଲାଙ୍କ ଠାରେ କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ଡାଏଟର ଦୁଗ୍ଧ, ଦହି, ପନିର, ବାଦାମ, ଟୋଫୁ, ସୋୟା, ବ୍ରୋକଲି ଚିୟାସିଡସ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ସେହିପରି ଦଶରୁ ବାର ବର୍ଷ ପିଲାଙ୍କ ପାଇଁ ଡାଏଟର ସ୍ୱତନ୍ତ୍ରତା ଦରକାର : ଦଶ ବର୍ଷର ପିଲାଙ୍କ ପାଇଁ ପୋଷକ ତତ୍ତ୍ୱ ଥିବା ଡାଏଟ ନେବା ଜରୁରୀ । କାରଣ ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ । ୧୦-୧୨ ବର୍ଷ ବୟସରେ ପିଲାଙ୍କୁ ଦିନରେ ଚାରି ଥର ଖାଦ୍ୟ ଖୁଆଇବା ଜରୁରୀ । ସେହିପରି ପିଲାଙ୍କ ଡାଏଟରେ ସତେଜ ଫ୍ରୁଟ ଜୁସ, ପ୍ରୋବାୟୋଟିକ ଦହି, ପନିପରିବା, ଜୁସ ସାମିଲ କରନ୍ତୁ । ସେହିପରି ପିଲାଙ୍କୁ ପରଟା ଓ ରୁଟି ମଧ୍ୟ ଖୁଆଇପାରିବେ ।

ତେରରୁ ପନ୍ଦର ବର୍ଷ ଅର୍ଥାତ୍ ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧିର ବୟସ : ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ । ତେଣୁ ଏହି ବୟସରେ ବୌଦ୍ଧିକ ଏବଂ ଶାରୀରିକ ବିକାଶ ପାଇଁ ସେମାନଙ୍କୁ ଡାଏଟରେ କ୍ୟାଲସିୟମ, ଦୁଗ୍ଧ, ଚିଜ, ଦହି ସୋୟାବିନ, ଟୋଫୁ, ମଞ୍ଜି ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ । ଏଥିସହ ଭିଟାମିନ-ଡି ଯୁକ୍ତ ଖାଦ୍ୟ, ମାଛ, ପ୍ରାକୃତିକ ପ୍ରୋଟିନ ଯୁକ୍ତ ଖାଦ୍ୟ, ମାଂସ, ଡାଲି ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳିଥାଏ ।

ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା, ଅର୍ଥାତ୍ କୋଡିଏରୁ ତିରିଶ ବର୍ଷ ବୟସ ପାଇଁ ଡାଏଟ ନିର୍ଦ୍ଧାରଣ ହେଉଛି : ସାଧାରଣତଃ ୨୦ରୁ ୩୦ ବର୍ଷ ବୟସର ଲୋକମାନେ ଅଧିକ ମାତ୍ରାରେ ଜଙ୍କଫୁଡ ଖାଇଥାନ୍ତି । ଏହାଦ୍ୱାରା ପେଟ ପୂରି ଯାଇଥାଏ ସତ, କିନ୍ତୁ ଶରୀରକୁ ଆବଶ୍ୟକ ମାତ୍ରାର ପୋଷକତତ୍ତ୍ୱ ମିଳିପାରେ ନାହିଁ । ତେଣୁ ଏ ବୟସରେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ ଓ ଆଇରନର ଆବଶ୍ୟକତା ଥାଏ । ତେଣୁ ଖାଦ୍ୟରେ ଆଇରନ, କ୍ୟାଲସିୟମ ସାମିଲ କରିବା ଜରୁରୀ । କ୍ୟାଲସିୟମ ସେବନ ଦ୍ୱାରା ହାଡ଼ ମଜଭୁତ ହୋଇଥାଏ ଏବଂ ମସ୍ତିଷ୍କ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ । ଆଇରନ ଶରୀରରେ ମେଟାବୋଲିଜିମ୍‌କୁ ଦୃଢ଼ କରିଥାଏ । ତେଣୁ ୨୦ରୁ ୩୦ ବର୍ଷର ଲୋକେ ଡାଏଟରେ ଦହି, ବାଦାମ, ଓ ପାଳଙ୍ଗ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି ।

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା ତିରିଶରୁ ଚାଳିଶ ବର୍ଷ ବୟସର ଡାଏଟ ଯୋଜନା ହେଉଛି : ଏହି ବୟସରେ ବିଶେଷ କରି ମ୍ୟାଗ୍ନେସିୟମ ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ । ଏହି ବୟସରେ ମାଂସପେଶୀ କମିବାକୁ ଲାଗିଥାଏ । ତେଣୁ ଡାଏଟରେ ମ୍ୟାଗ୍ନେସିୟମ ମାତ୍ରା ବୃଦ୍ଧି କରିବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ତେଣୁ ଏ ବୟସରେ ଅଧିକାଂଶ ଲୋକେ ଡାଏଟର ବାଦାମ, କାଜୁ, ଦୁଗ୍ଧ, ଦହି ଏବଂ ପାଳଙ୍ଗ ଆଦି ଖାଇବା ଜରୁରୀ ।

ଚାଳିଶରୁ ପଚାଶ ବର୍ଷ ଅର୍ଥାତ୍ ଶରୀରର ଏକ ଘଡ଼ିସନ୍ଧି ବୟସ ପାଇଁ ଡାଏଟ ଯୋଜନା ହେଉଛି : ୪୦ରୁ ୫୦ ବର୍ଷ ବୟସରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଶରୀର ଶୀଘ୍ର ଦୁର୍ବଳ ହୋଇଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ସ୍ୱାସ୍ଥ୍ୟକର ଡାଏଟ ଏକାନ୍ତ ଆବଶ୍ୟକ ହୋଇଥାଏ । ଡାଏଟରେ କ୍ୟାଲସିୟମ ସେବନ କରିବା ଦ୍ୱାରା ଶରୀର ହାଡ଼ ମଜଭୁତ ହୋଇଥାଏ । ତେଣୁ ଏହି ବୟସରେ ଲୋକେ ନିଜ ଖାଦ୍ୟରେ ସାଗ ଜାତୀୟ ଖାଦ୍ୟ, ମାଛ ଆଦି ସାମିଲ କରିବା ଉଚିତ । ପଚାଶରୁ ଉର୍ଦ୍ଧ୍ୱ ବୟସର ଡାଏଟ ଯୋଜନା ହେଉଛି : ପଚାଶ ବର୍ଷ ବୟସରେ ଶରୀର ଦୁର୍ବଳ ହୋଇଯାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବା ପାଇଁ ଡାଏଟରେ ଫଳମୂଳ, ସବୁଜ ପନିପରିବା, ଦୁଗ୍ଧ ଜାତୀୟ ଦ୍ରବ୍ୟ ଖାଇବା ଆବଶ୍ୟକ ହୋଇଥାଏ । ସେହିପରି ମସ୍ତିଷ୍କ ସଞ୍ଚାଳନକୁ ଠିକ ରଖିବାକୁ ହେଲେ ବି-୧୨ ଅଧିକ ମାତ୍ରାରେ ସେବନ କରିବାକୁ ପଡ଼ିଥାଏ । ଏଥିସହ ଭିଟାମିନ ଡି ଓ ଏ ସି ଯୁକ୍ତ ଖାଦ୍ୟ ଖାଇପାରିବେ । ତେଣୁ ବୟସ ଅନୁଯାୟୀ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ ।

କଟକ, ମୋ : ୯୪୩୮ ୨୭୬୭୬୦

# ବିକଳ୍ପ ସନ୍ଧାନରେ ଭାରତ

## ସୌମେନ୍ଦ୍ର ଜେନା

" ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର୍ ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି । ଦୀର୍ଘବର୍ଷ ଧରି ଭାରତର ବାହାରେ ପଡ଼ିରହିଥିବା ସୁନାକୁ ସରକାର ପର୍ଯ୍ୟାୟକ୍ରମେ ଭାରତକୁ ଫେରାଇ ଆଣିବାପାଇଁ ଲାଗିପଡିଛନ୍ତି । ଯେଉଁ ଦେଶଗୁଡ଼ିକରେ ଭାରତର ଶତ୍ରୁରାଷ୍ଟ୍ର ପାକ୍ -ବଙ୍ଗଳାଦେଶର ଅଧିକ ବାଣିଜ୍ୟ ରହିଛି, ସେହିସବୁ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ସେଠାରେ ଶତ୍ରୁ ରାଷ୍ଟ୍ରମାନଙ୍କର ବଜାରରେ ପ୍ରବେଶକୁ ସଂକୁଚିତ କରିବା ପାଇଁ ଭାରତ ପକ୍ଷରୁ ଚେଷ୍ଟା ଜାରିରହିଛି ।

ପ୍ରତି ମୂହୂର୍ତ୍ତରେ, ପ୍ରତିଦିନ, ବିଶ୍ୱର ପରିସ୍ଥିତି ବଦଳିବାରେ ଲାଗିଛି । କିଏ, କେତେବେଳେ,କେଉଁଠି, କାହା ସହ ରହିବ, ସେ ବିଷୟରେ ଆକଳନ କରିବା ସମ୍ଭବପର ହେଉନାହିଁ । ଆଜି ବିଶ୍ୱନୀତି କହିଲେ କିଛି ଦର୍ଶନ, କିଛି ସିଦ୍ଧାନ୍ତ ନାହିଁ । ସବୁ ଦେଶ ନିଜ ସ୍ୱାର୍ଥ ନିଜ ସୁବିଧାକୁ ବିଶ୍ୱନୀତି ମନେ କରିବାରେ ଲାଗିଛନ୍ତି । ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳ ପୃଥିବୀରେ ଶାନ୍ତିର ସମୟ ହେବ ବୋଲି ଯେପରି ଆଶା କରାଯାଉଥିଲା ତାହାର ଚିତ୍ର ଓ ଚରିତ୍ର ଏବେ ବଦଳିଯାଇଛି । ଶକ୍ତି ସନ୍ତୁଳନ ବିଗିଡ଼ିଯିବା ହେତୁ ଆମେରିକା, ୟୁରୋପ ଏବଂ ନାଟୋ ସଦସ୍ୟ ଥିବା ରାଷ୍ଟ୍ରଗୁଡିକର ଆଧିପତ୍ୟ ଅଧିକ ବଢିବାରେ ଲାଗିଲା । ଅବଶ୍ୟ ନାଟୋ ବାହାରେ ଥିବା ଚୀନ, ଭାରତ, ଇରାନ, ଇସ୍ରାଏଲ, ଉତ୍ତର କୋରିଆ ପରି ରାଷ୍ଟ୍ରଗୁଡିକ ନିଜସ୍ୱ ଶକ୍ତି, କୂଟନୀତି ଓ ପରିଶ୍ରମ ବଳରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରାୟ ୮୦ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ, ଶକ୍ତି ପ୍ରଦର୍ଶନରୁ ଦୂରରେ ରହି ନିଜର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାକୁ ମନୋନିବେଶ କରିଥିବା ଜାପାନ ଏବେ ପରିବର୍ତ୍ତିତ ବିଶ୍ୱସ୍ଥିତିକୁ ଦେଖି ନିଜର ପୁରୁଣା ଶକ୍ତି କେନ୍ଦ୍ରକୁ ଫେରିବାକୁ ପ୍ରୟାସ ଆରମ୍ଭ କରିଦେଇଛି । ଗୋଟିଏ ପଟେ ଆମେରିକାର ଏକାଧିପତ୍ୟକୁ ପ୍ରାଧାନ୍ୟ, ଅନ୍ୟପଟେ ରୁଷିଆ ନିଜର ପୁରୁଣା ସମ୍ମାନ ପାଇଁ ସଂଘର୍ଷରତ ଥିଲାବେଳେ ଚୀନ ଉଭୟ ଆମେରିକା ଓ ରୁଷିଆର ସହଯୋଗୀ ଭାବେ ଏବଂ ଦ୍ୱିତୀୟ ଆର୍ଥିକ ମହାଶକ୍ତି ହୋଇ ଛିଡା ହେବାକୁ ସକ୍ଷମ ହୋଇଛି । ଫଳତଃ ଆଗାମୀ ଦିନରେ ଆମେରିକାକୁ ଅତିକ୍ରମ କରି ଅନେକ କ୍ଷେତ୍ରରେ ଚୀନ ପ୍ରାଧାନ୍ୟ ବିସ୍ତାର କରିବ ଯାହା ଏବେଠୁ ସ୍ପଷ୍ଟ ହେଲାଣି । ଏସବୁ ଶକ୍ତିର ଅସନ୍ତୁଳନ ମଧ୍ୟରେ ଭାରତ ନିଜର ଶକ୍ତି, ସାମର୍ଥ୍ୟ, ସୁରକ୍ଷା, ଅର୍ଥନୀତି ଆଦି ସବୁକ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ପ୍ରୟାସ କରୁଛି । ଗୋଟିଏ ପଟେ ଟ୍ରମ୍ପ ପ୍ରଶାସନର ଅହଙ୍କାରବାଦୀ ନୀତି ଏବଂ ଆରପଟେ ବନ୍ଧୁରାଷ୍ଟ୍ର ରୁଷିଆର ସଂଘର୍ଷ ମଧ୍ୟରେ ଭାରତ ନିଜକୁ ଦୁଇ ମହାଶକ୍ତିଙ୍କ ମଝିରେ ସଂପର୍କକୁ ସନ୍ତୁଳିତ ସ୍ଥିତିରେ ରଖିବାକୁ ଚେଷ୍ଟା କରୁଛି । ସେଥିପାଇଁ ସାରା ପୃଥିବୀରେ ନୂଆ ନୂଆ ବିକଳ୍ପର ସନ୍ଧାନରେ ରହିଛି । ଶକ୍ତି, ମୂଲ୍ୟବାନ ଖଣିଜ ବସ୍ତୁ, ପ୍ରତିରକ୍ଷା ସାମଗ୍ରୀ, ମହାକାଶ ଗବେଷଣା, ଢାଞ୍ଚାଗତ ନିର୍ମାଣ ଆଦି ବହୁବିଧ କ୍ଷେତ୍ରରେ ଆପଣାର ନିଜସ୍ୱ ଶକ୍ତି ବୃଦ୍ଧି କରିବାରେ ଲାଗିଛି । ସେଥିପାଇଁ ଛୋଟ ବଡ ବହୁ ରାଷ୍ଟ୍ରଙ୍କ ସହ ସଂପର୍କ ସ୍ଥାପନ କରି ନିଜସ୍ୱ କୂଟନୀତି, ବାଣିଜ୍ୟ, ଶିକ୍ଷା, ସୁରକ୍ଷା, ଅର୍ଥନୀତି ପରି ଅନେକ ବିଷୟରେ ଆପଣାର ପ୍ରତିଷ୍ଠା ପଛରେ ଲାଗିରହିଛି ।

କେନ୍ଦ୍ର ସରକାର ଗୋଟିଏ ପଟେ ଆମେରିକା ପରି ବାହାରକୁ ବନ୍ଧୁ, ଭିତରେ ଶତ୍ରୁ ପରି ଚିନ୍ତା ରଖୁଥିବା ରାଷ୍ଟ୍ରକୁ ସାମ୍ନା କଲାବେଳେ ଅପରପକ୍ଷେ ରୁଷିଆ ପରି ପୁରୁଣା ବନ୍ଧୁରାଷ୍ଟ୍ର ସହ ଛିଡା ହୋଇଛନ୍ତି ଯୁଦ୍ଧ ସମୟରେ । ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିବାକୁ ତୈଳକ୍ରୟ, ଅସ୍ତ୍ରକ୍ରୟ, ଇଞ୍ଜିନିୟରିଂ ଯନ୍ତ୍ରାଂଶ ଯୋଗାଣ, ଦକ୍ଷ ଶ୍ରମଶକ୍ତି ଯୋଗାଣ ପରି କାର୍ଯ୍ୟକୁ ଭାରତ ସରକାର ଜାରି ରଖିଛନ୍ତି । କାରଣ ଆଜି ବିଶ୍ୱ ବହୁପକ୍ଷୀୟ ହୋଇଛି ଗୋଟିଏ ରାଷ୍ଟ୍ର ଅନ୍ୟ ଉପରେ ନିର୍ଭରଶୀଳ ହେବାପରେ ଅଯଥା କଟକଣା, ଟାରିଫ ଯୁଦ୍ଧକୁ ସମ୍ମୁଖୀନ ହେବାକୁ ପଡୁଛି । ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ଅସ୍ଥିର କରି ରଖିଥିବା ସମୟରେ ଯୋଗାଣଜନିତ ହ୍ରାସ ଯୋଗୁ ବିଶ୍ୱସାରା ଦରବୃଦ୍ଧି ହେବାରେ ଲାଗିଛି । ଏସବୁକୁ ଦୃଷ୍ଟିରେ ରଖି ଭାରତ ୟୁରୋପର ରାଷ୍ଟ୍ରଗୁଡିକ ସହ ମୁକ୍ତବାଣିଜ୍ୟ ବୁଝାମଣା, ଅନେକ ରାଷ୍ଟ୍ର ସହ ରଣନୀତିକ ସଂପର୍କ ସ୍ଥାପନ କରିବାରେ ଲାଗିପଡିଛି । ଯେଉଁ ଦେଶଗୁଡ଼ିକୁ ଭାରତର ରାଷ୍ଟ୍ରମୁଖ୍ୟମାନେ ଅତୀତରେ ଗସ୍ତ କରିନଥିଲେ, ସେ ସବୁକୁ ଖୋଜି ମୋଦି ଗସ୍ତ କରିବାରେ ଲାଗିଛନ୍ତି । ଏହାର କାରଣ ହେଲା ସଂଖ୍ୟାଧିକ ବାଣିଜ୍ୟ ସହଯୋଗୀଙ୍କୁ ବିକଳ୍ପ ଭାବେ ଛିଡାକରିବା । ବଡ଼ ବଡ଼ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ଅସ୍ଥିରତା କିମ୍ବା ରାଜନୈତିକ କଟକଣା ସରକାରକୁ କେନ୍ଦ୍ରକରି ବଦଳୁଥିବା ଯୋଗୁ କେଉଁ ମୁହୂର୍ତ୍ତରେ କେଉଁ ଦେଶ କାହା ସହିତ ରହୁଛି ତାହା ଜାଣିବା କଷ୍ଟକର । ତେଣୁ ବ୍ୟବସାୟ-ବାଣିଜ୍ୟ, ଲୋକଙ୍କ ରୋଜଗାର, ଶିଳ୍ପପାଇଁ ଆବଶ୍ୟକ ଖଣିଜ ସଂପଦ ଯୋଗାଣ ଏବଂ ବିଶ୍ୱବଜାରରେ ସେସବୁର ବିକ୍ରି ପାଇଁ ସକ୍ରୀୟ ବିଦେଶନୀତି ଦରକାର ।

କୋରୋନା ପରବର୍ତ୍ତୀ ସମୟରେ ଚୀନର ଖଣିଜ ଦ୍ରବ୍ୟ ଯୋଗାଣକୁ କଟକଣାଯୁକ୍ତ କରାଯିବା, ଆମେରିକା ଦ୍ୱାରା ବାଣିଜ୍ୟ ଶୁଳ୍କ ଲଗାଯିବା, ୟୁରୋପର ରାଷ୍ଟ୍ରଗୁଡିକ ରୁଷିଆର ତୈଳ ବିକ୍ରିକୁ ଭିନ୍ନ ଦୃଷ୍ଟିରେ ଦେଖିବା, ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ରୁଷିଆର ବାଣିଜ୍ୟକୁ ୟୁକ୍ରେନ ଯୁଦ୍ଧ ସହ ଯୋଡିବା ଯୋଗୁଁ ବିଶ୍ୱରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । କୋରୋନା ପରେ ଅର୍ଥନୀତିକୁ ସଜାଡିବା ପାଇଁ ପ୍ରୟାସର ଦେଶଗୁଡିକ ଦୀର୍ଘ ସମୟ ଧରି ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ-ଆମେରିକାର ଯୁଦ୍ଧ, ଇସ୍ରାଏଲ-ପାଲେଷ୍ଟାଇନ-ଲେବାନନ ଯୁଦ୍ଧ, ୟେମେନ-ସାଉଦି ଆରବ ଯୁଦ୍ଧ, ସିରିଆରେ ବହୁରାଷ୍ଟ୍ରର ଯୁଦ୍ଧ ଯୋଗୁ ବିଶେଷ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ଅନେକ ବିକାଶଶୀଳ ଏବେ ସ୍ୱାଭିମାନୀ ରାଷ୍ଟ୍ର ନିଜସ୍ୱ ଉତ୍ପାଦନକୁ ବୃଦ୍ଧିକରି ଆମଦାନିକୁ ହ୍ରାସ କରିବା ଉପରେ ଏବେ ଜୋର ଦେବାକୁ ଲାଗିଲେଣି ଯେମିତିକି ଜାପାନ ଦୀର୍ଘ ଅଶୀ ବର୍ଷ ପରେ ନିଜର ଆତ୍ମରକ୍ଷା ନୀତିକୁ ଜୋରଦେଇ ଆମେରିକା ସହଯୋଗରେ ସୁରକ୍ଷା ବଳୟରୁ ହଟି ନିଜସ୍ୱ ସେନାସଂଖ୍ୟା ବୃଦ୍ଧି ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଜୋର୍ ଦେବା ପାଇଁ ବିଦେଶନୀତିରେ ପରିବର୍ତ୍ତନ ଆଣିଛି । ଏହାର ସୁଯୋଗ ନେବା ପାଇଁ ଭାରତ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶରେ ଜାପାନୀ ଅସ୍ତ୍ର ନିର୍ମାଣର ସୁଯୋଗ ଦେବାକୁ କହିଛି । ଜାପାନର ଶ୍ରମିକ ସଂଖ୍ୟା ହ୍ରାସ ଯୋଗୁ ସେଠାକାର କମ୍ପାନୀ ଭାରତକୁ ଦ୍ୱିତୀୟ ନିର୍ମାଣ ସ୍ଥଳୀ ଭାବେ ବାଛିବାକୁ ଚାହୁଁଛନ୍ତି । ଏ ଦିଗରେ ହୋଣ୍ଡା, ସୁଜୁକୀ ଆଦି କମ୍ପାନୀ ସଫଳ ମଧ ହୋଇଛନ୍ତି । ଯେମିତି ଭାରତରେ ବୁଲେଟ ଟ୍ରେନ ନିର୍ମାଣ, ଉଭୟ ଜଳ ଓ ସ୍ଥଳରେ ଅବତରଣ କରିପାରୁଥିବା ଜାପାନୀ ବିମାନର ଭାରତରେ ନିର୍ମାଣ ଉପରେ ଭାରତ ଜୋର ଦେଉଛି, ଯାହା ଭାରତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ । ସେହିପରି ଅଷ୍ଟ୍ରେଲିଆର ଖଣିଜ ସଂପଦ, ନିଉଜିଲାଣ୍ଡର କୃଷି ଓ ପଶୁପାଳନ, ସ୍ୱିଜରଲାଣ୍ଡର ଟେକ୍‌ନୋଲୋଜୀ, ୟୁରୋପୀୟ ରାଷ୍ଟ୍ରଗୁଡିକରେ ବିଦେଶୀ ପ୍ରକଳ୍ପରେ ନିବେଶ ପାଇଁ ରହିଥିବା ସ୍ୱାଧୀନ ପାଣ୍ଠି ଉପରେ ଭାରତ ସରକାର ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି ।

ଏହାଛଡା ଭାରତର ଶତ୍ରୁ ରାଷ୍ଟ୍ର ଗୋଷ୍ଠୀ ପାକ୍-ଚୀନ ଏବଂ ତୁର୍କୀ-ଆଜରବୈଜାନ ଏବଂ ପାକିସ୍ଥାନର ଭାରତ ବିରୋଧୀ ଷଡ଼ଯନ୍ତ୍ରକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ସେଠାକାର ଦୁର୍ବଳ ନାଡୀଗୁଡିକୁ ଭାରତ ସରକାର ଚିପିବାରେ ଲାଗିଛନ୍ତି । ତେଣୁ ଚୀନର ନାଲି ଆଖି ଯୋଗୁଁ ଦକ୍ଷିଣ ଚୀନ ସାଗର ନିକଟସ୍ଥ ରାଷ୍ଟ୍ର ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସ ସମେତ ଜାପାନ ଏବଂ ତାଇୱାନ ଆଦି ରାଷ୍ଟ୍ର ସହ ବ୍ୟାପାରିକ ସଂପର୍କ ସୁଦୃଢ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି । ଏହି କ୍ରମରେ ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଶକ୍ତିଶାଳୀ କରାଯାଉଥିବା ସମୟରେ ଆଫଗାନିସ୍ଥାନ ପରି ରାଷ୍ଟ୍ରକୁ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, କୃଷିବିଜ୍ଞାନ ସହ ଆନ୍ତର୍ଜାତିକ କ୍ଷେତ୍ରରେ କୂଟନୀତିକ ସହାୟତା ପ୍ରଦାନ କରାଯାଉଛି । ଠିକ୍ ସେହିପରି ତୁର୍କୀ-ଆଜରବୈଜାନ-ପାକିସ୍ଥାନୀ ମେଣ୍ଟ ଯୋଗୁ ଆର୍ମେନିଆ, ଗ୍ରୀସ୍,ସାଇପ୍ରସ ଓ ପର୍ତ୍ତୁଗାଲ ପରି ଦେଶ ସଙ୍କଟରେ ଥିବାବେଳେ ଭାରତ ସେହି କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ ଏହିସବୁ ରାଷ୍ଟ୍ରକୁ ଇସ୍ରାଏଲ ସହ ଯୋଡି ନୂତନ ମେଣ୍ଟ ଗଠନ ପାଇଁ ପ୍ରୟାସ ଚଳାଇଛି । ଆର୍ମେନିଆ ସମେତ ଅନ୍ୟ ରାଷ୍ଟ୍ରଗୁଡିକରେ ବନ୍ଦର ନିର୍ମାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ବାଣିଜ୍ୟରେ ସହଯୋଗ, ଶିକ୍ଷା, ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଗବେଷଣା ଏବଂ ସହଯୋଗ ବୃଦ୍ଧି, ଚିକିତ୍ସା ଏବଂ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ପ୍ରୟାସ ଜାରି ରଖିଛି । ଫଳସ୍ୱରୂପ ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହେଉଥିବା ଇସ୍ରାଏଲ ଏବେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଭାରତରେ ନିଜର କ୍ଷେପଣାସ୍ତ୍ର ନିର୍ମାଣ କରି ଇସ୍ରାଏଲକୁ ନେବାପାଇଁ ପ୍ରୟାସ ଚଳାଇଛି ।

ସେହିପରି ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି । ଦୀର୍ଘବର୍ଷ ଧରି ଭାରତର ବାହାରେ ପଡିରହିଥିବା ସୁନାକୁ ସରକାର ପର୍ଯ୍ୟାୟକ୍ରମେ ଭାରତକୁ ଫେରାଇ ଆଣିବାପାଇଁ ଲାଗିପଡିଛନ୍ତି । ଯେଉଁ ଦେଶଗୁଡିକରେ ଭାରତର ଶତ୍ରୁରାଷ୍ଟ୍ର ପାକ୍ -ବଙ୍ଗଳାଦେଶର ଅଧିକ ବାଣିଜ୍ୟ ରହିଛି, ସେହିସବୁ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ସେଠାରେ ଶତ୍ରୁ ରାଷ୍ଟ୍ରମାନଙ୍କର ବଜାରରେ ପ୍ରବେଶକୁ ସଂକୁଚିତ କରିବା ପାଇଁ ଭାରତ ପକ୍ଷରୁ ଚେଷ୍ଟା ଜାରିରହିଛି ।

ଗୋଟିଏ ପଟେ ଦେଶରେ ଆର୍ଥିକ, ରାଜନୈତିକ, ସାମରିକ, ଶିଳ୍ପଗତ ସ୍ଥିତିକୁ ସୁଦୃଢ କରିବାକୁ ସରକାର ଜୋର ଦେବାବେଳେ ଅପରପକ୍ଷେ ବିଦେଶରେ ସହଯୋଗୀ ରାଷ୍ଟ୍ରଗୁଡିକର ଆବଶ୍ୟକତା ପୂରଣ ପାଇଁ ଗୁରୁତ୍ୱ ଦେଉଛନ୍ତି । ଭାରତ ଆଜି ଗୋଟିଏ ଦୁଇଟି ଅଥବା ଅଳ୍ପ କିଛି ଦେଶ ମଧ୍ୟରେ ନିଜକୁ ସୀମିତ ନକରି ଛୋଟ-ବଡ ଅନେକ ରାଷ୍ଟ୍ରସହ ନିଜକୁ ଯୋଡି ବିକଳ୍ପ ବ୍ୟବସ୍ଥା ନିର୍ମାଣ ପାଇଁ ଅନେକ ସମୟରେ ଯୁକ୍ତି ବାଢୁଛି, ଯାହାକୁ ଅନେକ ପସନ୍ଦ ମଧ୍ୟ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ଆମେରିକା ଏବଂ ରୁଷିଆ କ୍ରମଶଃ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାକୁ ଲାଗିଥିବା ସ୍ଥଳେ ଚୀନ ଏବଂ ଭାରତ ପାଇଁ ବିକଳ୍ପ ଶକ୍ତି ଭାବେ ବିଶ୍ୱରେ ମୁଣ୍ଡଟେକିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଚୀନ ଏହାର ସୁଯୋଗକୁ ତ୍ୱରିତ କରି ଅଧିକ ସଫଳ ହେବାକୁ ସକ୍ଷମ ହୋଇଛି । ବାଣିଜ୍ୟିକ ପରିବହନ ଜାହାଜ, ସାମରିକ ପରିବହନ ବିମାନ, ଗଭୀର ବନ୍ଦର ନିର୍ମାଣ, ସେମିକଣ୍ଡକ୍ଟର ନିର୍ମାଣ ଯାହା ଚିକିତ୍ସା ଯନ୍ତ୍ରପାତି ଏବଂ ଉପକରଣ ନିର୍ମାଣ ପରି ଅନେକ କ୍ଷେତ୍ର ରହିଛି ଯେଉଁଠି ପୂର୍ବରୁ ଶୂନ୍ୟ ଉତ୍ପାଦନ ରହିଥିଲା ଯାହା ଏବେ ଆରମ୍ଭ ହୋଇଛି । ସବୁକ୍ଷେତ୍ରରେ ନିଜକୁ ବିକଳ୍ପ କରି ଗଢିତୋଳିବା ସହ ଆବଶ୍ୟକ ବିକଳ୍ପର ସୁଯୋଗଗୁଡିକୁ ଠିକଣା ଭାବେ ଉପଯୋଗ କରିବାକୁ ଭାରତ ଅଧିକ ଜୋରଦେବା ଦରକାର ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମାନବ ସଭ୍ୟତା ଓ ପ୍ରଯୁକ୍ତିବିଦ୍ୟା

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

" ପ୍ରଯୁକ୍ତି ବିଦ୍ୟା ସମାଜ ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଉଛି । ପ୍ରଯୁକ୍ତିବିଦ୍ୟା ଯୋଗାଯୋଗକୁ ସହଜ କରିଥିବା ବେଳେ, ଏହା ମନୁଷ୍ୟର ସମ୍ପର୍କ ସମ୍ପର୍କ ଭିତରେ ଭାବକୁ ହ୍ରାସ କରିଛି । ଲୋକମାନେ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି । ମେସିନ୍ ଏବଂ ରୋବୋଟ୍‌ର ବର୍ଦ୍ଧିତ ବ୍ୟବହାର ଅନେକ ଚାକିରିର ଆବଶ୍ୟକତାକୁ ହ୍ରାସ କରିଛି । ଏହା ଅନେକ ଲୋକଙ୍କୁ ବେକାର କରି ବସାଇ ଦେଇଛି । ଅତ୍ୟଧିକ କାରଖାନା, ମେସିନ୍ ଏବଂ ଇଲେକ୍ଟ୍ରୋନିକ୍ ଉପକରଣର ବ୍ୟବହାର ପରିବେଶକୁ ନଷ୍ଟ କରୁଛି । ଡିଜିଟାଲ୍ ଯୁଗରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ହୋଇଛି । ହ୍ୟାକିଂ ଏବଂ ସାଇବର ଅପରାଧ ଏହାଦ୍ୱାରା ବୃଦ୍ଧି ପାଉଛି । ପ୍ରଯୁକ୍ତିବିଦ୍ୟା ଲୋକଙ୍କ ଚିନ୍ତାଧାରା ଏବଂ ମୂଲ୍ୟବୋଧକୁ ପରିବର୍ତ୍ତନ କରିଛି ।

ଆମେ ଜାଣିଛନ୍ତି ଯେ ଆଜିର ଯୁଗକୁ ପ୍ରଯୁକ୍ତିବିଦ୍ୟାର ଯୁଗ କୁହାଯାଏ । ମାନବ ସଭ୍ୟତାର ଆରମ୍ଭରୁ, ମଣିଷ ନିଜ ଜୀବନକୁ ସହଜ, ସୁବିଧାଜନକ ଏବଂ ସୁରକ୍ଷିତ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି । ଏହି ପ୍ରୟାସର ଫଳାଫଳ ହେଉଛି ପ୍ରଯୁକ୍ତିର ଉନ୍ନତି । ପ୍ରଯୁକ୍ତିବିଦ୍ୟା ମାନବ ସମାଜର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଛି ଏବଂ ସାମାଜିକ ପରିବର୍ତ୍ତନରେ ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଛି । ପ୍ରଯୁକ୍ତିବିଦ୍ୟା ହେଉଛି ଜ୍ଞାନ, ବିଜ୍ଞାନ ଏବଂ ପ୍ରଯୁକ୍ତିର ମିଳିତ ବ୍ୟବହାର ଯାହା ମାନବ ଜୀବନକୁ ସହଜ କରିଥାଏ । ପ୍ରାଚୀନ କାଳରେ ମଣିଷ ପଥର ଏବଂ କାଠ ଉପକରଣ ବ୍ୟବହାର କରୁଥିଲା କିନ୍ତୁ ଆଜି ସେମାନେ ଆଧୁନିକ କମ୍ପ୍ୟୁଟର, ମୋବାଇଲ୍ ଫୋନ୍, ଇଣ୍ଟରନେଟ୍, ରୋବଟ ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଡ଼କୁ ଅଗ୍ରସର ହୋଇଛନ୍ତି । ଏହା ଦର୍ଶାଏ ଯେ ପ୍ରଯୁକ୍ତିବିଦ୍ୟା କେବଳ ଏକ ଉପକରଣ ନୁହେଁ ଏହା ଜୀବନର ପ୍ରକୃତିର ଏକ ଅଂଶ । ସାମାଜିକ ପରିବର୍ତ୍ତନ ହେଉଛି ସମାଜର ଗଠନ,



ମୂଲ୍ୟବୋଧ, ଆଚରଣ, ସଂସ୍କୃତି ଏବଂ ଜୀବନଶୈଳୀରେ ଏକ ପରିବର୍ତ୍ତନ । ଏହି ପରିବର୍ତ୍ତନ ଧୀରେ ଧୀରେ ଘଟେ ଏବଂ ସମୟ ସହିତ, ସମାଜକୁ ଏକ ନୂତନ ଦିଗରେ ନେଇଥାଏ । ପ୍ରଯୁକ୍ତିବିଦ୍ୟା ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ ଏବଂ ଗଭୀର କରିଛି ।

ପୂର୍ବରୁ ଲୋକମାନେ ଚିଠି, ଦୂତ କିମ୍ବା ପକ୍ଷୀ ମାଧ୍ୟମରେ ବାର୍ତ୍ତା ପଠାଉଥିଲେ । ବର୍ତ୍ତମାନ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ମୁହୂର୍ତ୍ତକରେ ସମଗ୍ର ବିଶ୍ୱ ସହିତ ସଂଯୋଗ ସ୍ଥାପନ କରିବା ସମ୍ଭବ କରିଥାଏ । ଏହା ଲୋକଙ୍କୁ ନିକଟତର କରିଛି ଏବଂ ବିଶ୍ୱକୁ ଏକ ବିଶ୍ୱ ଗ୍ରାମରେ ପରିଣତ କରିଛି । ପ୍ରଯୁକ୍ତିବିଦ୍ୟା ଶିକ୍ଷାକୁ ସହଜ ଏବଂ ଅଧିକ ସୁଲଭ କରିଛି । ଅନଲାଇନ୍ ଶିକ୍ଷା, ଡିଜିଟାଲ୍ କ୍ଲାସ, ଇ-ପୁସ୍ତକ ଏବଂ ଭିଡିଓ କନଫରେନ୍ସ ଛାତ୍ରଛାତ୍ରୀମାନଙ୍କୁ ଘରୁ ରହି ପାଠପଢ଼ା କରି ପାରୁଛନ୍ତି । ଏହା ଶିକ୍ଷାଗତ ସମାନତା ବୃଦ୍ଧି କରିଛି । ପ୍ରଯୁକ୍ତିବିଦ୍ୟା ନୂତନ ଚାକିରି ସୃଷ୍ଟି କରିଛି ଏବଂ ବ୍ୟବସାୟକୁ ବୃଦ୍ଧି କରିଛି । ଇ-କମର୍ସ, ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ବ୍ୟାଙ୍କିଂ ବର୍ତ୍ତମାନ ସାଧାରଣ କଥା ହୋଇଛି । ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ଦ୍ରୁତ ଏବଂ ସହଜ ମଧ୍ୟ କରିଛି । ପ୍ରଯୁକ୍ତିବିଦ୍ୟା ଚିକିତ୍ସା ବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି । ଲୋକମାନେ ନୂତନ ଔଷଧ, ଆଧୁନିକ ଉପକରଣ ମାଧ୍ୟମରେ ସହଜରେ ଚିକିତ୍ସା ପାଇ ପାରୁଛନ୍ତି ଓ ସବୁ କିଛି ନିଜେ ପଢି ଜାଣି ମଧ୍ୟ ପାରୁଛନ୍ତି । ଏହା ମୃତ୍ୟୁହାର ମଧ ହ୍ରାସ କରିଛି ଏବଂ ଜୀବନ ଆଶା ବୃଦ୍ଧି କରିଛି । ଆଧୁନିକ ଉପକରଣ, ଉନ୍ନତ ବିଦ୍ୟୁତ୍, ଜଳସେଚନ ବ୍ୟବସ୍ଥା ଏବଂ ତଥ୍ୟ-ଚାଳିତ କୃଷି ବ୍ୟବସ୍ଥା କୃଷିକୁ ଅଧିକ ଉତ୍ପାଦନକ୍ଷମ କରିଛି । ଚାଷୀମାନେ ଏବେ ପାଣିପାଗ ଏବଂ ବଜାର ସୂଚନା ସହଜରେ ପାଇପାରୁଛନ୍ତି । ପ୍ରଯୁକ୍ତିବିଦ୍ୟା ଆମର ଦୈନନ୍ଦିନ ଜୀବନକୁ ପରିବର୍ତ୍ତନ କରିଛି । ସ୍ମାର୍ଟଫୋନ୍, ଅନଲାଇନ୍ ସପିଂ ଏବଂ ମନୋରଞ୍ଜନର ବିଭିନ୍ନ ମାଧ୍ୟମ ଆମର ଜୀବନକୁ ସହଜ ଓ ସରଳ କରିଛି ।

ତଥାପି ଏହା ଏତେ ସହଜ ହୋଇଥିଲେ ମଧ ପ୍ରଯୁକ୍ତି ବିଦ୍ୟା ସମାଜ ଉପରେ ନକାରାତ୍ମକ ପ୍ରଭାବ ମଧ ପକାଉଛି । ପ୍ରଯୁକ୍ତିବିଦ୍ୟା ଯୋଗାଯୋଗକୁ ସହଜ କରିଥିବା ବେଳେ, ଏହା ମନୁଷ୍ୟର ସମ୍ପର୍କ ସମ୍ପର୍କ ଭିତରେ ଭାବକୁ ହ୍ରାସ କରିଛି । ଲୋକମାନେ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି । ମେସିନ୍ ଏବଂ ରୋବୋଟ୍‌ର ବର୍ଦ୍ଧିତ ବ୍ୟବହାର ଅନେକ ଚାକିରିର ଆବଶ୍ୟକତାକୁ ହ୍ରାସ କରିଛି । ଏହା ଅନେକ ଲୋକଙ୍କୁ ବେକାର କରି ବସାଇ ଦେଇଛି । ଅତ୍ୟଧିକ କାରଖାନା, ମେସିନ୍ ଏବଂ ଇଲେକ୍ଟ୍ରୋନିକ୍ ଉପକରଣର ବ୍ୟବହାର ପରିବେଶକୁ ନଷ୍ଟ କରୁଛି । ଡିଜିଟାଲ୍ ଯୁଗରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ହୋଇଛି । ହ୍ୟାକିଂ ଏବଂ ସାଇବର ଅପରାଧ ଏହାଦ୍ୱାରା ବୃଦ୍ଧି ପାଉଛି । ପ୍ରଯୁକ୍ତିବିଦ୍ୟା ଲୋକଙ୍କ ଚିନ୍ତାଧାରା ଏବଂ ମୂଲ୍ୟବୋଧକୁ ପରିବର୍ତ୍ତନ କରିଛି । ଆଜିର ଯୁବପିଢ଼ି ଅଧିକ ସ୍ୱାଧୀନ ଏବଂ ତଥ୍ୟ-ସଚେତନ । ସେମାନେ ନୂତନ ଚିନ୍ତାଧାରା ଗ୍ରହଣ କରୁଛନ୍ତି । ତଥାପି ଏହି ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରମ୍ପରା ଏବଂ ସଂସ୍କୃତିର କିଛି ଅବକ୍ଷୟ ମଧ ହୋଇ ହୋଇ ଚାଲିଛି । ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ସହର ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଭାବରେ ପହଞ୍ଚିଛି । ଗାଁରେ ମଧ ଲୋକମାନେ ଇଣ୍ଟରନେଟ୍ ଏବଂ ମୋବାଇଲ୍ ଫୋନ୍ ମାଧ୍ୟମରେ ସୂଚନା ପାଇପାରୁଛନ୍ତି । ଏହା ଗ୍ରାମ ଏବଂ ସହର ମଧ୍ୟରେ ବ୍ୟବଧାନକୁ ହ୍ରାସ କରିଛି । ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ମହାକାଶ ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆହୁରି ନୂତନ ଆବିଷ୍କାର କରାଯିବ । ଏହା ସମାଜକୁ ଆହୁରି ପରିବର୍ତ୍ତନ କରିବ । ତଥାପି, ଆମକୁ ନୀତି, ମୂଲ୍ୟବୋଧ ଏବଂ ପରିବେଶ ସୁରକ୍ଷାକୁ ମଧ ପ୍ରାଥମିକତା ଦେବାକୁ ପଡିବ । ପ୍ରଯୁକ୍ତିବିଦ୍ୟା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉପକରଣ । ଏହା ମାନବ ଜୀବନକୁ ସହଜ, ସୁବିଧାଜନକ ଏବଂ ଆଧୁନିକ କରିଛି । ତଥାପି, ଏହାର କିଛି ନକାରାତ୍ମକ ପ୍ରଭାବ ମଧ ଅଛି । ତେଣୁ, ଆମକୁ ସଠିକ ଭାବରେ ସ୍ଥିର ବିଚାର ଓ ଭଲ ମନ୍ଦକୁ ଅନୁଶୀଳନ କରି ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାକୁ ପଡିବ ଏବଂ ସମାଜକୁ ପ୍ରଗତି ପଥରେ ଆଗେଇ ନେବାକୁ ପଡିବ । ଯଦିଓ ପ୍ରଯୁକ୍ତିବିଦ୍ୟା ମାନବ ସମାଜର ପ୍ରଗତି ପାଇଁ ମୂଳଦୁଆ କିନ୍ତୁ ପ୍ରକୃତ ସାମାଜିକ ସମୃଦ୍ଧି କେବଳ ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଏହାକୁ ସଠିକ୍ ଏବଂ ଚିନ୍ତାଶୀଳ ଭାବରେ ବ୍ୟବହାର କରାଯାଇପାରିବ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

# ଫୁଲୁଛି ବୈତରଣୀ ନଦୀ ବଢୁଛି ଜଳସ୍ତର

ଭଦ୍ରକ,(ନିପ୍ର): ଫୁଲୁଛି ବୈତରଣୀ ନଦୀ ବଢୁଛି ଜଳ ସ୍ତର । ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାୟକ। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଫୁଲୁଛି ବୈତରଣୀ ନଦୀ ବଢୁଛି ବନ୍ୟା ଜଳ ସ୍ତର ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ



ଜଳବନ୍ଦୀ ଅବସ୍ଥାରେ ସାଧାରଣ ଜନତା ମାଳଦା ଗ୍ରାମ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ। ବନ୍ୟା ଆଶ୍ରୟସ୍ଥଳରେ ଥିବା ଜନସାଧାରଣଙ୍କୁ ଭେଟି ବନ୍ୟା ମୁକାବିଲା ସଂପର୍କରେ ଆଲୋଚନା କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ଥିତି ଅନୁଧ୍ୟାନ କରି ଜନଜୀବନ ସୁରକ୍ଷା ପାଇଁ ଆବଶ୍ୟକତା ଅନୁସାରେ ପଦକ୍ଷେପ ଗ୍ରହଣ କରିବା ସହ ସହକାରୀ ସହାୟତା ଯୋଗାଇ ଦେବା ସହିତ ଆବଶ୍ୟକ ଶୁଖିଲା ଖାଦ୍ୟ ଓ ମେଡ଼ିସିନ ମହଜୁଦ୍ ରଖିବା ପାଇଁ ଆଲୋଚନା କରିଛନ୍ତି ବିଧାୟକ।

# ବିଶ୍ୱ ହେପାଟାଇଟିସ ସଚେତନତା

ରାୟଗଡ଼ା,(ନି:ପ୍ର): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ରାୟଗଡା କ୍ୟାମ୍ପସର ନର୍ସିଂ ବିଭାଗ ପକ୍ଷରୁ ବିଶ୍ୱ ହେପାଟାଇଟିସ ଦିବସ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ରାୟଗଡାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। "ହେପାଟାଇଟିସ: ଆସନ୍ତୁ ଏହାକୁ ବୁଝିବା" ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଭାଇରାଲ ହେପାଟାଇଟିସ୍, ଏହାର ସଂକ୍ରମଣ ପଦ୍ଧତି, ପ୍ରତିରୋଧ, ପ୍ରାରମ୍ଭିକ ନିର୍ଣ୍ଣୟ, ଟିକାକରଣ ଓ ଚିକିତ୍ସା ସମ୍ପର୍କରେ ରୋଗୀ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ସଚେତନ କରିବା।ଅଧ୍ୟାପକମାନଙ୍କ ତତ୍ତ୍ୱାବଧାନରେ ତୃତୀୟ ସେମିଷ୍ଟର ନର୍ସିଂ ଛାତ୍ରଛାତ୍ରୀମାନେ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ



ହେପାଟାଇଟିସ ଇ, ଈ, ଉ, ଊ ଓ ର, ସେଗୁଡ଼ିକର କାରଣ, ଲକ୍ଷଣ ଏବଂ ଲିଭର ସିରୋସିସ ଓ ଲିଭର କ୍ୟାନ୍ସର ଭଳି ଜଟିଳତା ବିଷୟରେ ତଥ୍ୟ ପ୍ରଦାନ କରାଯାଇଥିଲା। ହେପାଟାଇଟିସ ଈ ଟିକାକରଣ, ସୁରକ୍ଷିତ ଇଞ୍ଜେକ୍ସନ ଓ ରକ୍ତ ସଞ୍ଚାର ପଦ୍ଧତି, ହାତ ସଫା ରଖିବା, ସୁରକ୍ଷିତ ଖାଦ୍ୟ ଓ ପାନୀୟ ଜଳ ବ୍ୟବହାର, ଏବଂ ସୁଇ କିମ୍ବା ବ୍ୟକ୍ତିଗତ ସାମଗ୍ରୀ ସେୟାର ନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ କାଶୀନଗର ମିଶନ ଶକ୍ତି

କାଶୀନଗର,(ନିପ୍ର): ବ୍ରହ୍ମପୁର ଠାରେ ନିଷ୍ଟ୍ ବିଶ୍ୱ ବିଦ୍ୟାଳୟର ବୈଠକ ଗୃହ ପରିସରରେ ଓଡିଶାର ୫ଟି ଜିଲ୍ଲାର ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି ମହାସଂଘର ଇସି ମେମ୍ବରମାନଙ୍କୁ ନେଇ ଏକ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ସମ୍ମିଳନୀରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉପସ୍ଥିତ ରହିଥିଲେ। ଅଂଶ ଗ୍ରହଣ କରିଥିବା ସମସ୍ତ ଇସି ମେମ୍ବରମାନେ ତୃଣମୂଳ ସ୍ତରର କାର୍ଯ୍ୟରତ ଏସଏଚଜି ମହିଳାମାନେ କାମ କରିବା ସମୟରେ ଯେଉଁସବୁ ସମସ୍ୟା




ସମ୍ମୁଖୀନ ହେଉଛନ୍ତି ସେ ସବୁ ସମସ୍ୟା ଉପ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ସମସ୍ୟା ଗୁଡିକର ସମାଧାନ ହୋଇପାରିଲେ ଏସଏଚଜି ମହିଳାମାନେ ଭିଜନରେ ପହଞ୍ଚି ପାରିବେ ବୋଲି ଆଲୋଚନା ହୋଇଥିଲା। ସମ୍ମିଳନୀର ଲକ୍ଷ୍ୟ ହେଉଛି ଏସ୍ଏଚ୍‌ଗ୍ରୁପ ମାନଙ୍କରେ କାର୍ଯ୍ୟରତ ମହିଳାମାନଙ୍କୁ ଆତ୍ମନିର୍ଭର ଶୀଳ କରି ୨୦୩୬ ମସିହା ସୁଦ୍ଧା ଅଧିକରୁ ଅଧିକା ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଏବଂ କୋଟିପତି ଦିଦିରେ ପରିଣତ କରି ମହିଳା ଉଦ୍ୟୋଗୀ କରାଇ ଏକ ବିକଶିତ ଓଡ଼ିଶାର ଭିଜନକୁ ଲକ୍ଷ୍ୟ ରଖି କାମ କରିବା ନିମନ୍ତେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାର୍ତ୍ତା ଦେଇଛନ୍ତି ।

# ବିଦ୍ୟାଳୟରେ ଖୋଲିବ ଯୁକ୍ତ ୨ ପାଠ୍ୟକ୍ରମ

ଖଣ୍ଡପଡ଼ା,(ନି.ପ୍ର) ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଳା ପାଠ୍ୟକ୍ରମ ଖୋଲାଯିବ। ପ୍ରଶାସନ ପକ୍ଷରୁ ଏ ସଂର୍ପକରେ ସୂଚନା ପାଇବା ପରେ ଶିଖରପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଶିଖରପୁର, ରାଣୀପଡା ଓ ଶାଳଝରିଆ ପ୍ରଭୃତି ୩ ଟି ପଞ୍ଚାୟତର ବାସିନ୍ଦା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗୁଣପୁରରେ ସ୍ଥାୟୀ ଉପଡାକଘର ସାତ ସପନ

# ୭୫ ବର୍ଷ ହେଲା ଭଡ଼ା ଘରେ ଚାଲିଛି

ଗୁଣପୁର,(ନି:ପ୍ର): ଦେଶ ସ୍ୱାଧୀନତାର ପ୍ରାୟ ୮୦ ବର୍ଷ ହେଲାଣି । ଏ ପର୍ଯ୍ୟନ୍ତ ରାୟଗଡା ଜିଲ୍ଲା ସ୍ଥିତ ଗୁଣପୁର ଉପଖଣ୍ଡ ସଦର ମହକୁମା ଗୁଣପୁରରେ ନିଜସ୍ୱ ଡାକ ଘର ନାହିଁ। ୭୫ ବର୍ଷ ହେଲା ଗଳି କନ୍ଦି ମଧ୍ୟରେ ଭଡାରେ ଚାଲିଛି ଡାକ ଘର। ଏ ନେଇ ବାରମ୍ବାର ଖବର ପ୍ରସାରଣ ହେଲେ ମଧ୍ୟ ଡାକ ବିଭାଗର ଅଧିକାରୀମାନଙ୍କ ନିଦ ଭାଙ୍ଗୁନାହିଁ। ସେମାନଙ୍କ ଉଦାସୀନତା ମନଭାବ ଯୋଗୁ ଦୀର୍ଘବର୍ଷ ହେଲା ଭଡା ଘରେ ଚାଲୁଛି ଉପଡାକ ଘର। ପରିତାପର ବିଷୟ ବିଏସଏନଏଲ ଟେଲିଫୋନ ଭବନ ନିକଟରେ ଡାକ ଘରର ନିଜସ୍ୱ ପଟା ଜମି ରହିଛି। ପୋଷ୍ଟ ମାଷ୍ଟର ମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଉକ୍ତ ଜାଗା ଲୋକେ କବ୍‌ଜା କରିସାରିଲେଣି। ଏହାପରେ ମଧ୍ୟ ପୋଷ୍ଟାଲ ବାବୁ ମାନଙ୍କର ନିଦ ଭାଙ୍ଗିନାହିଁ। ପୋଷ୍ଟାଲ ଅଧିକାରୀଙ୍କ ଲିଖିତ ଅଭିଯୋଗ ନ ଥିଲେ ଆମେ କିଛି କରିପାରିବୁ ନାହିଁ ବୋଲି କହୁଛନ୍ତି ପ୍ରଶାସନ ଅଧିକାରୀ। ବାବୁମାନଙ୍କ ଅବହେଳା ଯୋଗୁଁ ଗୁଣପୁର ଜନ ସାଧାରଣଙ୍କ ସେବା ପାଇଁ ସ୍ଥାୟୀ ଡାକ ଘର ହୋଇପାରିନାହିଁ। ନିଜସ୍ୱ ନୂତନ କୋଠା ନିମନ୍ତେ ତହସିଲଦାରଙ୍କୁ ଜାଗା ଚିହ୍ନଟ ନିମନ୍ତେ ରାୟଗଡା ଜିଲ୍ଲାର ପୋଷ୍ଟାଲ ଅଧୀକ୍ଷକ ଗୁଣପୁରର ପୂର୍ବ ଡାକ ନିରୀକ୍ଷକଙ୍କୁ ଏକ ଚିଠି ଦେଇଥିଲେ। କିନ୍ତୁ ଏହା ଉପରେ କୌଣସି ପଦେକ୍ଷପ ଗ୍ରହଣ କରାଯାଇନାହିଁ ବୋଲି ଜିଲ୍ଲା ପୋଷ୍ଟାଲ




ନିରୀକ୍ଷକ ଗଣ ମାଧ୍ୟମକୁ ସଫେଇ ଦେଇଛନ୍ତି। ବର୍ତ୍ତମାନ କୁମୁଟି ସାହିରେ ଭଡାଘରେ ଚାଲିଥିବା ଉପ ଡାକ ଘରର ଅବସ୍ଥା ନ କହିଲେ ଭଲ।

ସର୍ବଦା ଭିଡ଼ ରହୁଥିବା ଯୋଗୁ ଲୋକଙ୍କୁ ବସିବା କିମ୍ବା ଠିଆ ହେବା ପାଇଁ ଜାଗା ନାହିଁ। ଅପର ପକ୍ଷରେ ପାର୍କିଂ ସୁବିଧା ନଥିବାରୁ ଗାଡି ଗୁଡିକୁ ରାସ୍ତା ଅବରୋଧ କରି ରଖିବାକୁ ପଡୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଗୁଣପୁର ଡାକ ଘର କାର୍ଯ୍ୟ ସମୀକ୍ଷା କରିବା ପାଇଁ ରାୟଗଡାରୁ ଆସିଥିବା ନୂତନ ଡାକ ନିରୀକ୍ଷକ ଦୁର୍ଯ୍ୟୋଧନ ବାରିକ ଡାକ ଘରର ସମସ୍ତ ସମସ୍ୟା ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ଶ୍ରୀ ବାରିକ ଗୁଣପୁର ଉପ ଡାକ ଘର ପୋଷ୍ଟ ମାଷ୍ଟରଙ୍କୁ ଜାଗା ଚିହ୍ନଟ କରି ଜବର ଦଖଲ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଚିଠି ଲେଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# 'ଗୋ ସମ୍ମାନ ଆହ୍ୱାନ ଅଭିଯାନ'

## ଦୃଢ଼ ଆଇନ ଓ ଗୋଶାଳା ନିର୍ମାଣ ପାଇଁ ଦାବି

ସୋନପୁର,(ନିପ୍ର): ଗୋମାତାଙ୍କ ସୁରକ୍ଷା, ସମ୍ମାନ ଓ ସଂରକ୍ଷଣ ଦାବି ନେଇ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନକୁ ନେଇ ସମଗ୍ର ଜିଲ୍ଲାରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ବହୁ ସଂଖ୍ୟାରେ ଗୋପ୍ରେମୀ, ସମାଜସେବୀ ତଥା ସଚେତନ ନାଗରିକ ଏକତ୍ରିତ ହୋଇ




ପ୍ରଶାସନ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି।

ସୂଚନା ଅନୁଯାୟୀ, ଗୋମାତାଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସହରରେ ଏକ ବିଶାଳ ଶୋଭାଯାତ୍ରା ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରେ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଗୋବଂଶର ସୁରକ୍ଷା ପାଇଁ ଏକ ଦୃଢ଼ ଆଇନ ପ୍ରଣୟନ କରିବା, ବିଭିନ୍ନ ସ୍ଥାନରେ ଗୋଶାଳା ନିର୍ମାଣ କରିବା ଏବଂ ଗୋସେବାକୁ ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନ ଯୋଗାଇଦେବା ପ୍ରମୁଖ ଦାବି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି । ସମାବେଶରେ ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ ଯେ, ଗୋମାତାଙ୍କ ପ୍ରତି ସମ୍ମାନ ଓ ସୁରକ୍ଷା କେବଳ ଆଇନ ମାଧ୍ୟମରେ ସମ୍ଭବ ନୁହେଁ; ଏଥିପାଇଁ ପ୍ରଶାସନ ସହିତ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ନିତାନ୍ତ ଆବଶ୍ୟକ। ସମସ୍ତେ ଏକଜୁଟ ହୋଇ ଗୋମାତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଏଠାରେ ଆହ୍ୱାନ ଦିଆଯାଇଥିଲା। 'ଗୋ ସୁରକ୍ଷା ଆମର ଦାୟିତ୍ୱ, ଗୋ ସେବା ଆମର କର୍ତ୍ତବ୍ୟ' ଏହି ମୂଳବାର୍ତ୍ତା ନେଇ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଆଗକୁ ବଢୁଥିବା ବେଳେ, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ନାମ୍ପୋ ପଞ୍ଚାୟତ ଜଳମଗ୍ନ

ଜଳେଶ୍ୱର,(ନିପ୍ର): ଲଗାଣ ବର୍ଷାରେ ନାମ୍ପୋ ପଞ୍ଚାୟତର ୫ରୁ ଅଧିକ ଗାଁ ଜଳମଗ୍ନ, ପଞ୍ଚାୟତର ଦେଉଳ ବାଡ଼, ତିଳାପଟା, ଯୋତିଜଙ୍ଗମ କରିମା ବାଡ଼ ଓ ପାଣିଗ୍ରାହୀ ଆଦି ପ୍ରଭାବିତ ହୋଇଛି ବିଶେଷ କରି ଦେଉଳ ବାଡ଼, ତିଳାପଟା, କରିମାବାଦ ଓ ଯୋତିଜଙ୍ଗମ ମୌଜାର ଶତାଧିକ ଘରେ ପାଣି ପଶି ଯାଇଥିବା ବେଳେ ୨୦୦ରୁ ଅଧକ ଘର ଜଳବନ୍ଦୀ ହୋଇଛି। ଲୋକେ ନାମ୍ପୋ ଅଳଳପୁର ରାସ୍ତାକୁ ହାଣି



ଦେବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତେବେ ନବ ନିର୍ମିତ ନାମ୍ପୋ – ଅଲାଲପୁର ରାସ୍ତା ଓ ନାମ୍ପୋ ଆରୁହା ରାସ୍ତା ର ନିର୍ମାଣ ଜନିତ ତ୍ରୁଟି ଯୋଗୁଁ କୃତ୍ରିମ ବନ୍ୟ ସୃଷ୍ଟି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଆରୁହା ସମେତ ନିମପୁର, ଚୂଡ଼ାମଣିପୁର, ନନ୍ଦିକା, ଅଲାଲପୁର ଓ ଜଳେଶ୍ୱର ସହରର ଉଦ୍‌ବୃତ୍ତ ବର୍ଷାପାଣି ଉକ୍ତ ଅଞ୍ଚଳକୁ ପ୍ରବାହିତ ହେଉଥିବା କାରଣରୁ ଉକ୍ତ ଅଞ୍ଚଳ ଅଧିକ ପ୍ଲାବିତ ହେଉଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ନବ ନିର୍ମିତ ନାମ୍ପୋ ଅଳଳପୁର ୪. ୫ କିଲୋମିଟର ରାସ୍ତାରେ ୬ ଗୋଟି ନଳା ପୋଲ ବସିବାକୁ ଥିବା ବେଳେ ବିଭାଗ ପକ୍ଷରୁ ଆଦୌ ନଳାପୋଲ ନିର୍ମାଣ କରାଯାଇ ନାହଁ। ଫଳରେ ଏପରି କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଧନ ଜୀବନ ପ୍ରଭାବିତ ହେଉଛି। ୨୦୨୪ ମସିହାରେ ଅନୁରୂପ ଢଙ୍ଗରେ ସଂଗଠିତ ବନ୍ୟା କ୍ଷୟକ୍ଷତି ପରିଦର୍ଶନରେ ଆସିଥିବା ବିଧାୟକ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ହୃଦ୍‌ବୋଧ କରି ଉଭୟ ନାମ୍ପୋ ଅଲାଲପୁର ଓ ନାମ୍ପୋ ଆରୁହା ରାସ୍ତାରେ ଚାଷୀଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ନଳା ପୋଲ ନିର୍ମାଣ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ଅର୍ଥ ବିଧାୟକ ହାତ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ବିଧାୟକଙ୍କ ନିର୍ଦ୍ଦେଶକୁ ଦୁଇ ବର୍ଷରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ ଏଯାଏଁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଇନଥିବା ଚର୍ଚ୍ଚା ହେଉଛି।

# ଶିକ୍ଷକ ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଗୋଲାମୁଣ୍ଡା,( ନିପ୍ର) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅଧୀନରେ ଥିବା ରେଙ୍ଗସାପାଲି ପଞ୍ଚାୟତରେ ଅବସ୍ଥାପିତ ହାତୀରାମ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ଅଭାବ ଥିବାରୁ ଯୁଦ୍ଧ କାଳୀନ ମଧ୍ୟରେ ଶିକ୍ଷକ ଯୋଗାଇଦେବା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବିଦ୍ୟାପୀଠରେ ବର୍ତ୍ତମାନ ୮୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ସ୍କୁଲ ବ୍ଲକ୍ ଗ୍ରାଣ୍ଟ ପାଇ ସାରିଥିବାବେଳେ ୬୦ ବର୍ଷ ବୟସ ହେବାରୁ ୫ ଜଣ ଶିକ୍ଷକ ଅବସର ଗ୍ରହଣ କରିସାରିଥିବା ବେଳେ ବର୍ତ୍ତମାନ



ଜଣେ ମାତ୍ର ଶିକ୍ଷକ ଅଛନ୍ତି । ସେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ କି ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରିବେ ଉଭୟ ଦାୟିତ୍ୱ ନିର୍ବାହ କରିବା ପାଇଁ ବହୁତ ଅସୁବିଧା ହେଉଛି ଯାହା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସବୁ ବିଷୟରେ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୁଃଖର କଥା ହେଉଛି ଯେ ଶିକ୍ଷକମାନେ ଅବସର ହେବାର ଦୀର୍ଘ ଦିନ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଶାନୁରୂପକ ପଦକ୍ଷେପ ଗ୍ରହଣ କରି ନଥିବାରୁ ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖା ଦେଇଛି।

# ବିଶ୍ୱ ପ୍ରକୃତି ଦିବସରେ ଚାରାରୋପଣ

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ସ୍ଥାନୀୟ ରମ୍ଭା ସରସ୍ୱତୀ ଶିଶୁ ମନ୍ଦିର ଠାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ସମେତ ଚାରା ରୋପଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା ସଭାପତି ଏ ନରସିଂହ ସୁବୁଦ୍ଧି,ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର କଲେଜ ଅଧକ୍ଷ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଧୋଇଗଲା ମାଟି ରାସ୍ତା

## କଲଭର୍ଟ ବସାଇବା ପାଇଁ ଗ୍ରାମବାସୀଙ୍କ ଅନୁରୋଧ

ରେଢ଼ାଖୋଲ,(ନିପ୍ର): ସରକାର ଗ୍ରାମାଞ୍ଚଳରେ ରାସ୍ତା ଘାଟର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି । ଲୋକଙ୍କ ସୁବିଧା ପାଇଁ ଗମନା ଗମନ ର ସୁ ବ୍ୟବସ୍ଥା ପାଇଁ ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ମଧ୍ୟ ରାସ୍ତା ନିର୍ମାଣ କରୁଛନ୍ତି । ହେଲେ କିଛି ଯନ୍ତ୍ରି ତଥା ସଂସ୍ଥା ବା ଠିକାଦାର ଏହି କାମ ଗୁଡିକ କରି ସେଥିରୁ ସରକାରୀ ଅର୍ଥ କୁ କିଛି କାମ କରି ଚଳୁ କରିବାରେ ଲାଗିପଡିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରେଢ଼ାଖୋଲ ବ୍ଲକ୍ ଚାରମାଳ ପଞ୍ଚାୟତ ପିପିଲିକୁଦର ଗାଁ ରାସ୍ତା ଠାରୁ ରାଶିବେଡା ଯାଇଥିବା ଜଙ୍ଗଲ ମଧ୍ୟସ୍ଥ ମରୁମ୍ ରାସ୍ତା । ଯେଉଁ ରାସ୍ତାଟି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନସ୍ଥ ୨୦୨୪-୨୫ ବର୍ଷ ପଞ୍ଚାୟତ ପକ୍ଷରୁ ୫ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଉନ୍ନତିକରଣ ପାଇଁ ଠିକାଦାର୍ ଖାଲି ମୋରମ୍ ବିଛେଇ କାମ ବନ୍ଦ କରିଥିଲା।

ଯାହା ଫଳରେ ପାହାଡିଆ ଅଞ୍ଚଳ ହେତୁ ନିର୍ମିତ ରାସ୍ତା ରେ ଠିକାଦାର କଲଭର୍ଟ ନକରି ଖାଲି ମୋରୁମ୍ ପକାଇ ଛାଡି ଦେଇ ଥିଲା ଫଳରେ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ଯୋଗୁଁ ରାସ୍ତା ମଝିରୁ ଧୋଇନେଇଛି ଏବଂ ବଡ଼ ଗର୍ତ ସୃଷ୍ଟି ହୋଇ ଝରଣା ସଦୃଶ ବହୁଛି ପାଣି । ଯାହା ଫଳରେ ରାସ୍ତାରେ ଯିବା ଆସିବା ବାଧାପ୍ରାପ୍ତ ହୋଉଥିବା ପିପିଲିକୁଦର ଓ ରାଶିବେଡା ଗ୍ରାମବାସୀ କହିଛନ୍ତି । ରାଶିବେଡା ରୁ ପିପିଲିକୁଦର



ଲୋକେ ଯିବାଆସିବାରେ ବହୁତ ଅସୁବିଧା ହେବା ସହ ଅନ୍ୟରାସ୍ତାରେ ବୁଲି ଯିବା ଆସିବା କରିବାକୁ ପଡୁଛି । ଆଗରୁ ଲୋକେ ପିପିଲିକୁଦର ଗ୍ରାମବାସୀ ବୁଲି ପିଚୁ ରାସ୍ତାରେ ଯିବା ଆସିବା କରୁଥିଲେ। ହେଲେ ଲୋକଙ୍କ କହିବା ଅନୁସାରେ ଯଦିଓ ସେହି ରାସ୍ତାଟି ଏଠାକାର ଲୋକଙ୍କ ସୁବିଧା ପାଇଁ କରାଗଲା ହେଲେ କଲଭର୍ଟ ନକରି ଠିକାଦାର ୫ଲକ୍ଷ ଟଙ୍କା ଖାଲି ମୁରୁମ୍ ବିଛାଇ ଟଙ୍କା ଚଳୁକରିଥିବା ଲୋକେ ଅଭିଯୋଗ କରିଛନ୍ତି । ନିମ୍ନମାନର କାମ ହେତୁ ବର୍ଷା ଯୋଗୁଁ ରାସ୍ତା ଧୋଇ ହୋଇ ଯାଇଥିବା ବେଳେ ଏଠାରେ କଲଭର୍ଟ ନିର୍ମାଣ କରି କାମ କରିବାକୁ ଦାବି କରିଛନ୍ତି । ଯଦି ଲୋକଙ୍କ ସୁବିଧା ପାଇଁ କାମ କରାଯାଇଛି ତାହାଲେ ସେହି କାମ ଠିକ୍ ଭାବରେ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପଟେ ଏହାକୁ ନେଇ ସରପଞ୍ଚଙ୍କୁ ପଚାରିବାରୁ ଟଙ୍କା ଆସିନି ଯେତିକି ଆସିଥିଲା ସେତିକିରେ କାମ କରାଯାଇଛି ବୋଲି କହିଛନ୍ତି । ଟଙ୍କା ଆସିଲେ ପୁଣି କାମ କରାଯିବ ବୋଲି ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

# ବିସ୍ଥାପିତଙ୍କୁ ମିଳୁଥିବା କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ବିଧାୟକଙ୍କ ଦାବି

ରାଉରକେଲା,(ନିପ୍ର): ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ପରିବାର/ବ୍ୟକ୍ତିଙ୍କୁ ଥଇଥାନ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ବର୍ତ୍ତମାନ ଦେଉଥିବା ରାଶି ଏବଂ ନୂତନ ଗୃହ ନିର୍ମାଣ ପାଇଁ ଦେଉଥିବା ଜାଗା ବାସ୍ତବରେ ଉକ୍ତ ବିସ୍ଥାପିତ ପରିବାର/ବ୍ୟକ୍ତି ମାନଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହି ଏହି ରାଶି ବୃଦ୍ଧି କରିବା ପାଇଁ ରଘୁନାଥପଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁର୍ଗାଚରଣ ତନ୍ତୀ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଲିଖିତ ଭାବେ ଦାବି କରିଛନ୍ତି । ଏ ସମ୍ବନ୍ଧରେ ଆଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ତନ୍ତୀ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ବର୍ତ୍ତମାନ ଆର ଏସ ପି ପକ୍ଷରୁ ପ୍ରାୟ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ନୂତନ ଗୃହ ନିର୍ମାଣ ପାଇଁ ପ୍ରାୟ ୬୫୦ ବର୍ଗ ଫୁଟର ଏକ ଖାଲି ଜାଗା ପ୍ରଦାନ କରାଯାଉଅଛି । ତେବେ ଏହି ଥଇଥାନ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ ବୋଲି ରଘୁନାଥପଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀତନ୍ତୀ କହିବା ସହିତ ଏହି ରାଶି ୫ଲକ୍ଷରୁ ବୃଦ୍ଧି କରି ୧୫ଲକ୍ଷ କରିବା ସହିତ ନୂତନ ଗୃହ ନିର୍ମାଣ ପାଇଁ ୬୫୦ ବର୍ଗ ଫୁଟ ବଦଳରେ ୧୦ ରୁ ୧୫ ଡେସିମିଲ ଖାଲି ଜାଗା ପ୍ରଦାନ କରିବା ପାଇଁ ବିଧାୟକ ଆର ଏସ ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ବର୍ମାଙ୍କୁ ସାକ୍ଷାତ କରିବା ସମୟରେ ଲିଖିତଭାବେ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ପଞ୍ଚ ସମ୍ମିଳନୀ

ବୌଦ୍ଧ,(ନି.ପ୍ର): ବିକଶିତ ଭାରତ– ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ସମ୍ପର୍କରେ ସରପଞ୍ଚ, ଜନପ୍ରତିନିଧି ଓ ପଞ୍ଚାୟତିରାଜ କର୍ମକର୍ତ୍ତାଙ୍କୁ ସଚେତନ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲା ପରିଷଦସ୍ଥ ପଞ୍ଚାୟତ ଭବନରେ ଜିଲ୍ଲାସ୍ତରୀୟ ପଞ୍ଚ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାଶ ମୁଖ୍ୟ ଅତିଥି ଏବଂ ବୌଦ୍ଧ ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟଦର୍ଶୀ



ପ୍ରତ୍ୟୁଷ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଆଇନର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଓ ପଞ୍ଚାୟତିରାଜ ଅନୁଷ୍ଠାନର ଭୂମିକା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ଏହି ଅଧିନିୟମ କେବଳ ରୋଜଗାର ସୃଷ୍ଟି ନୁହେଁ, ବରଂ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ବିକାଶ ଓ ସୁଶାସନକୁ ସୁଦୃଢ଼ କରିବାର ଏକ ପ୍ରମୁଖ ପଦକ୍ଷେପ ।ଏଥିରେ ଶ୍ରମିକ ହିତାଧିକାରୀ ଏବଂ ଜନ ପ୍ରତିନିଧି ମାନଙ୍କୁ ସଚେତନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅତିଥିମାନେ ଏହି ଜନ କଲ୍ୟାଣକାରୀ ଯୋଜନା ଦ୍ୱାରା ଜନ ସାଧାରଣଙ୍କ ଯେମିତି ସୁବିଧା ହେବ ତା ଉପରେ ପ୍ରଶାସନ ଗୁରୁତ୍ୱ ଦେବା ପାଇଁ କହିଥିଲେ । ବୈଷୟିକ ଅଧିବେଶନରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା, ପରିବାର ପଞ୍ଜୀକରଣ, ୧୨୫ ଦିନର ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି, ସମ୍ପତ୍ତି ସୃଷ୍ଟି, ସାମାଜିକ ନିରୀକ୍ଷଣ, ଅଭିଯୋଗ ନିରାକରଣ ଏବଂ ବାୟୋମେଟ୍ରିକ, ଜିଓ-ଟ୍ୟାଗିଂ, ଏଆଇ ଆଧାରିତ ଯୋଜନା ପ୍ରସ୍ତୁତି ଭଳି ବିଷୟରେ ତାଲିମପ୍ରାପ୍ତ ଅଧିକାରୀମାନେ ପ୍ରଶିକ୍ଷଣ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ।

# ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି

ନୟାଗଡ଼,(ନିପ୍ର): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଅଧକ୍ଷତା କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ବୈଠକରେ ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର କାର୍ଯ୍ୟାଳୟରେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅଗଷ୍ଟ ୧୧,୧୨ ଓ ୧୩ ତାରିଖରେ ଅଭ୍ୟାସ ପ୍ୟାରେଡ୍ ପି.ଟି.ଏସ. ପଡ଼ିଆ ଠାରେ ଅନୁଷ୍ଠିତ ହେବ । ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ସାମ୍ବାଦିକ, ଘରୋଇ ବସ ସଂଘର ସଭାପତି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ପାଳନ ଉପଲକ୍ଷେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା । ବୈଠକର ସମସ୍ତ ସରକାରୀ/ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ, ସ୍ଥାନୀୟ ଲାଲ୍ ବାହାଦୁର ଷ୍ଟାଡିୟମ ଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ୯:୧୫ ସମୟରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଜିଲ୍ଲାସ୍ତରୀୟ ପ୍ୟାରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା କାରାଗାର, ରେଡକ୍ରସ ଦିବ୍ୟାଙ୍ଗ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି ।


**ବଣାଇ :** ସ୍ୱାଧୀନତା ଦିବସ ନିମନ୍ତେ ବଣାଇ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରୀଆଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେକ୍ଷଇଯାଇଛି । ବୈଠକର ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲେଖିକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ପାଳନ କମିଟିର ଉପସ୍ଥିତ ସଦସ୍ୟ ସଦସ୍ୟା ମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସଂପୃକ୍ତ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ,ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ମନୋଜ କୁମାର ପତି, ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସାମ୍ବାଦିକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୂକମ୍ପରେ ଥରିଲା ଜାପାନ: ୧୮ ମୃତ




କୁମାମୋତୋ, ୨୯।୭: ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଛି ଦକ୍ଷିଣ-ପଶ୍ଚିମ ଜାପାନ। ୭.୧ ତୀବ୍ରତାର ଏହି ଭୂକମ୍ପ ପରେ କୁମାମୋତୋ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଯାଏଁ ଅତି କମରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୨ ଜଣ ଆହତ ହୋଇଛନ୍ତି। ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛି। ଜାପାନ ମେଟେରୋଲୋଜିକାଲ ଏଜେନ୍ସି ଅନୁସାରେ, ଜୁଲାଇ ୨୮ ତାରିଖ ଅପରାହ୍ଣ ପ୍ରାୟ ୪ଟା ୨୭ ମିନିଟରେ କୁମାମୋତୋ ଅଞ୍ଚଳରେ ଏହି ଭୂକମ୍ପ ହୋଇଥିଲା। ଭୂକମ୍ପ ପରେ ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା, ପରେ ତାହା ହଟାଇ ଦିଆଯାଇଥିଲା। ସବୁଠାରୁ ଅଧିକ କ୍ଷତି କୁମାମୋତୋ ପ୍ରଦେଶର କାଶିମା ସହରର ଏଓନ୍ ମଲରେ ହୋଇଛି। ଭୂକମ୍ପ ପରେ ମଲର ଦ୍ୱିତୀୟ ମହଲାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଏହା ପରେ ସେଠାରେ ଗ୍ୟାସ୍ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ଏଓନ୍ କମ୍ପାନି କହିଛି, ଭୂକମ୍ପ ସମୟରେ ପ୍ରାୟ ୩ ହଜାର ଗ୍ରାହକଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ତେବେ ମଲରେ କାମ କରୁଥିବା କିଛି ଲୋକ ଫସି ଯାଇଥିଲେ। ମଲ୍ ଘଟଣାରେ ୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ କିଛି ଲୋକ ନିଖୋଜ ଥିବା କୁହାଯାଇଛି।

## ଆସାମ ବନ୍ୟା ବିପର୍ଯ୍ୟୟ ମୃତ୍ୟୁ ସଂଖ୍ୟା ୭୫କୁ ବୃଦ୍ଧି
## ୭ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର



ଗୁଆହାଟୀ, ୨୯।୭: ଆସାମରେ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଯୋଗୁଁ ମୃତ୍ୟୁ ସଂଖ୍ୟା ୭୫ରେ ପହଞ୍ଚିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସବୁଠାରୁ ଅଧିକ ପ୍ରଭାବିତ ଶିବସାଗର ଜିଲ୍ଲାରେ ଆଉ ୭ ଜଣଙ୍କର ମୃତ୍ୟୁ ହେବା ପରେ ଏହି ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏଏସଡିଏମଏ) ର ରିପୋର୍ଟ ଅନୁଯାୟୀ, ଶିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଓଁ, ଶୋଣିତପୁର ଏବଂ କାମରୂପ ଭଳି ୭ଟି ଜିଲ୍ଲାର ପ୍ରାୟ ୬୨୨ଟି ଗ୍ରାମ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି। ବନ୍ୟା ଯୋଗୁଁ ପ୍ରାୟ ୪୫,୩୪୨ ହେକ୍ଟର ଚାଷଜମି ନଷ୍ଟ ହୋଇଯାଇଥିବା ବେଳେ ବାସହରା ହୋଇପଡ଼ିଥିବା ୩୨,୪୬୭ ଜଣ ବିପନ୍ନଙ୍କୁ ୧୧୫ଟି ସରକାରୀ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଦିଆଯାଇଛି। ଏହି ସଙ୍କଟ ସମୟରେ ବିପନ୍ନଙ୍କୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏକ ବୃହତ୍ ଆର୍ଥିକ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ, ପ୍ରତ୍ୟେକ ମୃତକଙ୍କ ପରିବାର ଏବଂ ୩୦ ଦିନରୁ ଅଧିକ ସମୟ ଧରି ନିଖୋଜ ଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ସହ ଅତିରିକ୍ତ ୫ ଲକ୍ଷ ଟଙ୍କା ଅର୍ଥାତ୍ ମୋଟ ୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହାସହିତ ବନ୍ୟା ପ୍ରଭାବିତ ପ୍ରାୟ ୧ ଲକ୍ଷ ପରିବାରକୁ ତୁରନ୍ତ ଘରୋଇ ସାମଗ୍ରୀ କିଣିବା ପାଇଁ ୧୫,୦୦୦ ଟଙ୍କା ଲେଖାଏଁ ସହାୟତା ମିଳିବ। ଅଗଷ୍ଟ ୧ ତାରିଖରୁ ବନ୍ୟା ପ୍ରଭାବିତ ଅଞ୍ଚଳର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୧,୦୦୦ ଟଙ୍କା, ସ୍ନାତକ (ୟୁଜି) ଛାତ୍ରଛାତ୍ରୀଙ୍କୁ ୩,୦୦୦ ଟଙ୍କା ଏବଂ ସ୍ନାତକୋତ୍ତର (ପିଜି) ଛାତ୍ରଛାତ୍ରୀଙ୍କୁ ୫,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ସହ ମାଗଣା ପାଠ୍ୟପୁସ୍ତକ ଓ ପୋଷାକ ଯୋଗାଇ ଦିଆଯିବ।

## ଅଗଷ୍ଟରୁ ବଢ଼ିବ ଦରଦାମ୍: ସବୁ ହେବ ମହଙ୍ଗା



ନୂଆଦିଲ୍ଲୀ, ୨୯।୭: ଅଗଷ୍ଟ ୧ ତାରିଖରୁ ସାଧାରଣ ଲୋକଙ୍କ ଉପରେ ପଡ଼ିବାକୁ ଯାଉଛି ମହଙ୍ଗା ମାଡ଼ । ରୋଷେଇ ଘରଠାରୁ ଆରମ୍ଭ କରି ଗ୍ୟାରେଜ ପର୍ଯ୍ୟନ୍ତ ବ୍ୟବହୃତ ଅନେକ ଜରୁରୀ ସାମଗ୍ରୀର ଦର ବୃଦ୍ଧି ପାଇବ । ଦୈନନ୍ଦିନ ବ୍ୟବହାରର ଏଫଏମସିଜି ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ସ୍ମାର୍ଟଫୋନ୍, କାର୍ ଓ ପୋଷାକ ଭଳି ବିଭିନ୍ନ କ୍ଷେତ୍ରରେ କମ୍ପାନିଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟ ବଢ଼ାଇବାକୁ ଯୋଜନା କରିଛନ୍ତି । ଚାହା, ଖାଇବା ତେଲ, ସାବୁନ, ଡିଟରଜେଣ୍ଟ ସମେତ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦର ୬ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ । ସେହିପରି ରେଫ୍ରିଜରେଟର, ୱାସିଂ ମେସିନ୍ ଓ ଟେଲିଭିଜନ ଭଳି ଘରୋଇ ଇଲେକ୍ଟ୍ରୋନିକ୍ ସାମଗ୍ରୀର ମୂଲ୍ୟ ୪ରୁ ୬ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ରହିଛି । ଗତ କିଛି ମାସ ଧରି ମେମୋରି ଚିପର ଦର ବହୁଗୁଣ ବଢ଼ିଥିବାରୁ ସ୍ମାର୍ଟଫୋନର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ। ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ଗ୍ରାହକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ । କାର୍ ନିର୍ମାତା କମ୍ପାନିଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟ ବୃଦ୍ଧି କରୁଛନ୍ତି । ବିଶେଷକରି ମାରୁତି ସୁଜୁକି ୩୦ ଅଗଷ୍ଟରୁ ବିଭିନ୍ନ ମଡେଲର ଦର ସର୍ବାଧିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ାଇବାକୁ ଘୋଷଣା କରିଛି । ହୋଣ୍ଡା କାର୍ସ ଓ ମର୍ସିଡିଜ୍-ବେଞ୍ଜ ମଧ୍ୟ ଆଗାମୀ ସପ୍ତାହଗୁଡ଼ିକରେ ନୂଆ ଦର ଲାଗୁ କରିବାକୁ ଯାଉଛନ୍ତି । ଏହି ଦରବୃଦ୍ଧି ପଛରେ ରହିଛି ଅନେକ ବିଶ୍ୱସ୍ତରୀୟ କାରଣ ।

### ମଧ୍ୟପ୍ରଦେଶରେ ଚାଷୀଙ୍କ ଆନ୍ଦୋଳନ

# ବ୍ୟାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ଘର ଅଭିମୁଖେ

ନୂଆଦିଲ୍ଲୀ, ୨୯।୭: ମଧ୍ୟପ୍ରଦେଶରେ ତୀବ୍ର ହେଉଛି ଚାଷୀ ଆନ୍ଦୋଳନ । ଦୁଇ ଦଫା ଦାବି ନେଇ ଭୋପାଳମୁହାଁ ହୋଇଛନ୍ତି ହଜାର ହଜାର ଯୁବ କୃଷକ । ପ୍ରାୟ ୨ ହଜାର କୃଷକ ପୁଲିସ ବ୍ୟାରିକେଡ୍ ଭାଙ୍ଗି ରାଜଧାନୀ ଭୋପାଳରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ମାର୍ଚ୍ଚ କରିଛନ୍ତି। ଏହି ଆନ୍ଦୋଳନରେ ଜେନ୍-ଜେଡ୍ ପ୍ରତିବାଦକାରୀମାନେ ମଧ୍ୟ ସାମିଲ ହୋଇଥିଲେ। କୃଷକମାନେ ମୁଖ୍ୟତଃ ମୁଗ ଫସଲର ୧୦୦ ପ୍ରତିଶତ ସରକାରୀ କ୍ରୟ, ନ୍ୟୂନତମ ସମର୍ଥନ ମୂଲ୍ୟ (ଏମ୍ଏସ୍ପି) ନିଶ୍ଚିତ କରିବା ଏବଂ କୃଷି ସମ୍ବନ୍ଧୀୟ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। ନର୍ମଦାପୁରମ୍ ସମେତ ଆଖପାଖ ୧୨ଟି ଜିଲ୍ଲାରୁ ଶହ ଶହ ଯୁବ କୃଷକ ଭୋପାଳରେ ପହଞ୍ଚିଛନ୍ତି । 'କିସାନ କ୍ରାନ୍ତି ପଦଯାତ୍ରା' ମାଧ୍ୟମରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଆଗେଇଛନ୍ତି । ଆନ୍ଦୋଳନକାରୀ କୃଷକଙ୍କ ଦୁଇଟି ପ୍ରମୁଖ ଦାବି ରହିଛି । ସରକାର ଶତ ପ୍ରତିଶତ ମୁଗ ଫସଲ କିଣନ୍ତୁ । ଏହାସହ ସାର ବଣ୍ଟନରେ ଚାଲିଥିବା ଟୋକନ୍ ବ୍ୟବସ୍ଥାକୁ ବନ୍ଦ କରାଯାଉ । ଏହି ଦାବି ନେଇ କୃଷକମାନେ ଆନ୍ଦୋଳନରେ ଅଡ଼ି ରହିଛନ୍ତି । ମଙ୍ଗଳବାର ରାତିରେ କୃଷିମନ୍ତ୍ରୀ ଏଦଲ ସିଂହ କଂସାନା କୃଷକ ପ୍ରତିନିଧିଙ୍କ



**ଯୋଗଦେଲେ ଜେନ୍-ଜେଡ୍ ପ୍ରତିବାଦକାରୀ**

ସହ ଆଲୋଚନା କରିଥିଲେ । ତେବେ ବୈଠକରୁ କୌଣସି ସମାଧାନ ବାହାରିପାରିନଥିଲା । ଆଲୋଚନା ବିଫଳ ହେବା ପରେ କୃଷକମାନେ ରାସ୍ତା ଉପରେ ହିଁ ଡାଲ୍-ବାଟି ରାନ୍ଧି ରାତି କାଟିଥିଲେ । ଏବେ ଭୋପାଳର ରାସ୍ତାରେ ଗୋଟିଏ ପଟେ ପୁଲିସ ବ୍ୟାରିକେଡ୍ । ଅନ୍ୟପଟେ ନିଜ ଦାବିରେ ଅଡ଼ି ରହିଛନ୍ତି କୃଷକ । ଆନ୍ଦୋଳନରେ ଯୁବ କୃଷକଙ୍କ ସଂଖ୍ୟା ଅଧିକ ରହିଛି । ବିଶେଷକରି ଜେନ୍-ଜି ପିଢ଼ିର ଯୁବ କୃଷକଙ୍କ ଉପସ୍ଥିତି ଏହି ଆନ୍ଦୋଳନକୁ ଚର୍ଚ୍ଚାରେ ରଖିଛି । ଦୀର୍ଘ ୨୫ ଦିନ ଧରି ଜିଲ୍ଲାସ୍ତରରେ ଧାରଣା ଦେବା ପରେ କୃଷକମାନେ ଏବେ ଭୋପାଳରେ ଆର-ପାର୍ ଲଢ଼େଇ ପାଇଁ ଅଡ଼ି ରହିଛନ୍ତି । ଦାବି ପୂରଣ ନହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି କୃଷକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଆନ୍ଦୋଳନକୁ ନେଇ ଭୋପାଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ସହରର ଅନେକ ସ୍ଥାନରେ ଟ୍ରାଫିକ୍ ଡାଇଭର୍ସନ୍ ଲାଗୁ କରାଯାଇଛି । ଆନ୍ଦୋଳନର ପ୍ରଭାବ ଯୋଗୁଁ କିଛି ସ୍କୁଲରେ ମଧ୍ୟ ଛୁଟି ଘୋଷଣା କରାଯାଇଛି । କୃଷକଙ୍କୁ ଅଟକାଇବା ପାଇଁ ପୁଲିସ ବ୍ୟାରିକେଡ୍ କରିଥିବା ବେଳେ ଆନ୍ଦୋଳନକାରୀମାନେ ନିଜ ଦାବିରେ ଅଟଳ ଅଛନ୍ତି । ଏବେ ସରକାର କୃଷକଙ୍କ ଦାବି ମାନି ସମାଧାନର ବାଟ ବାହାର କରୁଛନ୍ତି ନା ଆନ୍ଦୋଳନ ଆହୁରି ତୀବ୍ର ରୂପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସମ୍ପର୍କିତ ସଂଶୋଧନ ବିଲ୍ ଲୋକସଭାରେ ଆଗତ

ନୂଆଦିଲ୍ଲୀ, ୨୯।୭: ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସମ୍ପର୍କିତ ଆଇନରେ ସଂଶୋଧନ ପାଇଁ ସରକାର ବୁଧବାର ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬ ଆଗତ କରିଥିଲେ। ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆଗତ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ଉପରେ ଆଲୋଚନା ସମୟରେ ବିରୋଧୀ ସଦସ୍ୟମାନେ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବି କରି ସ୍ଲୋଗାନ ଦେଇଥିଲେ ।ସଂସଦୀୟ ପ୍ରକ୍ରିୟା ଅନୁଯାୟୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଲ୍ ଉପସ୍ଥାପନକୁ ବିରୋଧ କରିବା ପାଇଁ କିଛି ବିରୋଧୀ ସଦସ୍ୟଙ୍କ ନାମ ଡାକିଥିଲେ। ତେବେ କୌଣସି ବିରୋଧୀ ସଦସ୍ୟ ଉତ୍ତର ଦେଇ ନଥିଲେ ଏବଂ ନିତ୍ୟାନନ୍ଦ ରାୟ ତା'ପରେ ବିଲ୍ ଉପସ୍ଥାପନ କରିଥିଲେ। କେନ୍ଦ୍ର କ୍ୟାବିନେଟ୍ ଜୁଲାଇ ୨୦ ତାରିଖରେ ବିଲକୁ ଅନୁମୋଦନ କରିଥିଲେ। ଏହି ବିଲ୍ ଜନ୍ମ ଏବଂ ମୃତ୍ୟୁ ପଞ୍ଜିକରଣ ଆଇନ, ୧୯୬୯



(୨୦୨୩ରେ ସଂଶୋଧିତ)ର ଧାରା ୧୩(୩)କୁ ସଂଶୋଧନ କରି ବିଳମ୍ବ ପଞ୍ଜିକରଣ ପାଇଁ ବ୍ୟବସ୍ଥାକୁ ଆହୁରି କଠୋର କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟମାନ ବ୍ୟବସ୍ଥା ଅନୁଯାୟୀ, ଜନ୍ମ କିମ୍ବା ମୃତ୍ୟୁ ପଞ୍ଜିକରଣରେ ଏକ ବର୍ଷରୁ ଅଧିକ ବିଳମ୍ବ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ), ଉପ-ବିଭାଗୀୟ ମାଜିଷ୍ଟ୍ରେଟ୍ (ଏସଡିଏମ), କିମ୍ବା ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ଙ୍କ ଠାରୁ ଏକ ନିର୍ଦ୍ଦେଶ ଆବଶ୍ୟକ। ବିଲ୍ ବିଳମ୍ବର ଅବଧି ଉପରେ ଆଧାରିତ ଏକ ଦ୍ୱି-ସ୍ତରୀୟ ଅନୁମୋଦନ ବ୍ୟବସ୍ଥା ପାଇଁ ବ୍ୟବସ୍ଥା କରିଛି। ବର୍ତ୍ତମାନର ନିୟମ ଅନୁସାରେ ଜନ୍ମ କିମ୍ବା ମୃତ୍ୟୁର ୨୧ ଦିନ ମଧ୍ୟରେ ପଞ୍ଜୀକରଣ କରାଗଲେ ଏହା ସମ୍ପୂର୍ଣ୍ଣ ମାଗଣା ରହିଛି।

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ
## ପାକିସ୍ତାନ ସହ ଜଡ଼ିତ ୪୦୦ରୁ ଅଧିକ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଚିହ୍ନଟ

ନୂଆଦିଲ୍ଲୀ, ୨୯।୭: ରାଜଧାନୀ ଦିଲ୍ଲୀ ଏବଂ ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସୁରକ୍ଷା ବାହିନୀ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରାଯିବା ଘଟଣାରେ ଦିଲ୍ଲୀ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏ ସମ୍ପର୍କରେ କେତେକ ନ୍ୟୁଜ୍ ପୋର୍ଟାଲ ସମେତ ଏକାଧିକ ସୋସିଆଲ ମିଡିଆ ଆକାଉଣ୍ଟକୁ ପୁଲିସ ନୋଟିସ ଜାରି କରିଛି। ବିଶେଷ କରି ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ 'ଏକ୍ସ' ଆକାଉଣ୍ଟଗୁଡ଼ିକୁ ନୋଟିସ ପଠାଯାଇ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୂଚନା ମଗାଯାଇଛି। ସାମାଜିକ ଶୃଙ୍ଖଳା ରକ୍ଷା କରିବା ଏବଂ ଆଇନ ଉଲ୍ଲଂଘନ ରୋକିବା ପାଇଁ ପୁଲିସ ବିଭିନ୍ନ ପ୍ଲାଟଫର୍ମରେ ଅପଲୋଡ୍ ହୋଇଥିବା ପୋଷ୍ଟ, ଭିଡିଓ ଏବଂ ମନ୍ତବ୍ୟଗୁଡ଼ିକୁ ସୂକ୍ଷ୍ମ ଭାବେ ଯାଞ୍ଚ କରୁଛି। ସେହିପରି ଚାଲିଥିବା ପ୍ରଦର୍ଶନ ସମୟରେ ମିଥ୍ୟା ଗୁଜବ ଏବଂ 'ଡିପଫେକ' ଭିଡିଓ ପ୍ରସାର କରୁଥିବା ପାକିସ୍ତାନ ସହ ଜଡ଼ିତ ୪୦୦ରୁ ଅଧିକ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ମଧ୍ୟ ପୁଲିସ ପୂର୍ବରୁ ଚିହ୍ନଟ କରିଛି। ଜନ୍ତର ମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ଏବଂ ୨୦ ଜୁଲାଇର 'ସଂସଦ ଚଲୋ' ଅଭିଯାନ ସମୟରେ ଘଟିଥିବା ହିଂସାକାଣ୍ଡକୁ ନେଇ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଥିବା ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଦିଲ୍ଲୀ ପୁଲିସ ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଦିଲ୍ଲୀ ପୁଲିସର ସୋସିଆଲ ମିଡିଆ ମନିଟରିଂ ଟିମ୍ କ୍ରମାଗତ ଭାବେ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ଉପରେ ନଜର ରଖିଛି। ଏହି ପ୍ରକ୍ରିୟାରେ ସାଇବର ଏବଂ ସୋସିଆଲ ମିଡିଆ ଦଳ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରି କରାଯାଇଥିବା ଅନେକ ଅଶାଳୀନ ମନ୍ତବ୍ୟ ଏବଂ ଭିଡିଓକୁ ସୋସିଆଲ ମିଡିଆରୁ ହଟାଇ ଦିଆଯାଇଛି।

## ଡିସେମ୍ବର ସୁଦ୍ଧା ବାଂଲାଦେଶ ଫେରିବି: ଶେଖ ହସିନା

ନୂଆଦିଲ୍ଲୀ, ୨୯।୭: ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ବୁଧବାର ଦିନ ପୁନର୍ବାର କହିଛନ୍ତି ଯେ, ସେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ତାଙ୍କ ଦେଶକୁ ଫେରିବେ। ତାଙ୍କୁ ଗିରଫ କରାଯାଉ କି ଜେଲ୍ ଦଣ୍ଡ ହେଉ ଅବା ଫାଶୀ ଦିଆଯାଉ କିନ୍ତୁ ସେ ଘରକୁ ଫେରିବେ ବୋଲି ସେ ସମ୍ବାଦ ସରବରାହ ସଂସ୍ଥା



ଏଜେନ୍ସ ଫ୍ରାନ୍ସ-ପ୍ରେସ(ଏଏଫପି)କୁ କହିଛନ୍ତି। ଛାତ୍ର ବିରୋଧ ପରେ ଅଗଷ୍ଟ ୨୦୨୪ରେ ଶେଖ ହସିନାଙ୍କୁ ଇସ୍ତଫା ଦେଇ ଦେଶ ଛାଡି ପଳାୟନ କରିବାକୁ ପଡିଥିଲା। ସେବେଠାରୁ, ସେ ଦିଲ୍ଲୀରେ ଆତ୍ମ-ନିର୍ବାସନରେ ରହୁଛନ୍ତି। ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଦ୍ୱାରା ହସିନାଙ୍କୁ ମୃତ୍ୟୁଦଣ୍ଡାଦେଶ କରାଯାଇଛି।

## କୋଇଲା ବ୍ଲକ ଆବଣ୍ଟନ: ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ କ୍ଲିନ୍ ଚିଟ୍ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୭ : ବହୁଚର୍ଚ୍ଚିତ କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଆଶ୍ୱସ୍ତି ମିଳିଛି । ତାଙ୍କ ବିରୋଧରେ ଚାଲୁଥିବା ଆପରାଧିକ ମାମଲାକୁ ବୁଧବାର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି । ସିବିଆଇ ଦାଖଲ କରିଥିବା କ୍ଲୋଜର ରିପୋର୍ଟକୁ ଗ୍ରହଣ କରି ସୁପ୍ରିମକୋର୍ଟ ମନମୋହନ ସିଂହ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଏହି ମାମଲାରେ କ୍ଲିନ୍ ଚିଟ୍ ଦେଇଛନ୍ତି । ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଜୟମାଲା ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ସିବିଆଇର କ୍ଲୋଜର ରିପୋର୍ଟକୁ ଗ୍ରହଣ କରିଥିଲେ । କୋର୍ଟ କହିଛନ୍ତି ଯେ, ସିବିଆଇର କ୍ଲୋଜର ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିବା ଏବଂ ତାଙ୍କ ବିରୋଧରେ ଯାଞ୍ଚ କରିବାର କୌଣସି ଯଥାର୍ଥତା ନାହିଁ । କୋର୍ଟ ଏହି ମାମଲକୁ ଶେଷ କରିଦେଇଛନ୍ତି । କୋଇଲା ବ୍ଲକ ଆବଣ୍ଟନ ମାମଲାରେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ୱତନ୍ତ୍ର ସିବିଆଇ ଅଦାଲତ ଠାରୁ ଜାରି କରିଥିବା ସମନକୁ ନେଇ ୨୦୧୫ରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ସୁପ୍ରିମକୋର୍ଟ ଏହି ମାମଲାରେ ପ୍ରଥମ ଶୁଣାଣିରେ ମନମୋହନ ସିଂଙ୍କୁ ଆଶ୍ୱସ୍ତି ଦେଇ ସମନ ଉପରେ ରୋକ୍ ଲଗାଇଥିଲେ । ମନମୋହନ ସିଂହଙ୍କ ମୃତ୍ୟୁର ଦେଢ଼ ବର୍ଷରୁ ଅଧିକ ସମୟ ବିତିବା ପରେ କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ମନମୋହନଙ୍କ ମୃତ୍ୟୁ ୨୬ ଡିସେମ୍ବର ୨୦୨୪ରେ ହୋଇଥିଲା । ସୁପ୍ରିମକୋର୍ଟ କହିଛନ୍ତି, ସିବିଆଇ ଏହି ମାମଲାରେ ଦୁଇଟି କ୍ଲୋଜର ରିପୋର୍ଟ ଦାଖଲ କରିବା ସତ୍ତ୍ୱେ ସ୍ୱତନ୍ତ୍ର କୋର୍ଟ ସିଂହଙ୍କୁ ସମନ ଜାରି କରିଥିଲେ । ଏହାପରେ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତ ରଖିଥିଲେ । ବୁଧବାର ସିଂହଙ୍କ ଆବେଦନ ଗ୍ରହଣ କରାଯାଇଥିଲା ଏବଂ ମାମଲା ବନ୍ଦ କରାଯାଇଥିଲା।

## ଅହମଦାବାଦ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା
## ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚରେ ମିଳିଲାନି କୌଣସି ତ୍ରୁଟି

ନୂଆଦିଲ୍ଲୀ, ୨୯।୭: ଅହମଦାବାଦରେ ଏୟାର୍ ଇଣ୍ଡିଆର ଡ୍ରିମଲାଇନର ବିମାନ ଦୁର୍ଘଟଣାପରେ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ନେଇ ଉଠିଥିବା ସନ୍ଦେହକୁ ନେଇ କେନ୍ଦ୍ର ସରକାର ବଡ଼ ସୂଚନା ଦେଇଛନ୍ତି। ତଦନ୍ତରେ ଏପର୍ଯ୍ୟନ୍ତ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚରେ କୌଣସି ତ୍ରୁଟି ମିଳିନଥିବା ସରକାର କହିଛନ୍ତି। ସିଭିଲ୍ ଏଭିଏସନ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏୟାର୍ ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍ଲାଇନର ବିମାନରେ ଥିବା ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ସମ୍ପର୍କରେ ଯାଞ୍ଚ କରାଯାଇଛି। ଏଥିରେ କୌଣସି ଯାନ୍ତ୍ରିକ ତ୍ରୁଟି ମିଳିନାହିଁ। ତଦନ୍ତକାରୀ ସଂସ୍ଥା ଦୁର୍ଘଟଣାର ସମସ୍ତ ସମ୍ଭାବ୍ୟ କାରଣ ଯାଞ୍ଚ କରୁଛି। ଗୁଜରାଟର ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର୍ ଇଣ୍ଡିଆର ଏହି ବିମାନ ଜୁନ୍ ୧୨ ତାରିଖରେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଶସ୍ତା ଥାଇଲ୍ୟାଣ୍ଡ ଯାତ୍ରା ମହଙ୍ଗା ପଡ଼ିଲା: ୩ ଭାରତୀୟ ଅପହୃତ

ନୂଆଦିଲ୍ଲୀ, ୨୯।୭: ଥାଇଲ୍ୟାଣ୍ଡରେ ଶସ୍ତାରେ ଛୁଟି କାଟିବାର ଅଭିଳାଷ ତିନି ଜଣ ଭାରତୀୟ ନାଗରିକଙ୍କ ପାଇଁ ମହଙ୍ଗା ପଡ଼ିଛି। ତଦନ୍ତକାରୀମାନେ କହିଛନ୍ତି ଯେ, ଭାରତୀୟ ପର୍ଯ୍ୟଟକଙ୍କୁ ଭାରତୀୟ ଓ ପାକିସ୍ତାନୀ ନାଗରିକମାନଙ୍କୁ ନେଇ ଗଠିତ ଏକ ଗ୍ୟାଙ୍ଗ ଏକ ନକଲି ଟୁର୍ ପ୍ୟାକେଜ୍ ଦେଇ ଥାଇଲ୍ୟାଣ୍ଡକୁ ନେଇଯାଇଥିଲା। ସେମାନଙ୍କୁ ସେଠାରେ ମୁଣ୍ଡଜାମିନ୍ ରଖି ପରିବାରଠାରୁ ସେମାନଙ୍କ ମୁକ୍ତି ପାଇଁ ଅର୍ଥ ଦାବି କରି ନିର୍ଯ୍ୟାତନା ଦେଉଥିଲା। ସବୁଠୁ ଶସ୍ତା ଟୁର୍ ପ୍ୟାକେଜର ପ୍ରସ୍ତାବ ଦେଇ ସେମାନଙ୍କୁ ଅପହରଣ କରାଯାଇଥିଲା।

# ଜରୁରୀ ମାମଲା ଦାଖଲ ବେଳେ ବନ୍ଦ ରହୁ ଲାଇଭ୍ ଫିଡର ଅଡିଓ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୭: ସୁପ୍ରିମ୍ କୋର୍ଟରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କୋର୍ଟରେ ନୂଆ ଜରୁରୀ ମାମଲାଗୁଡ଼ିକର ଦାଖଲ କିମ୍ବା ଉପସ୍ଥାପନ ଚାଲିଥିବା ସମୟରେ ଲାଇଭ୍ ଭିଡିଓ ଫିଡର ଅଡିଓ ବନ୍ଦ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଓକିଲମାନଙ୍କ ଜରୁରୀ ଶୁଣାଣି ଆବେଦନ ଏବଂ ସେଥିପ୍ରତି ପ୍ରଧାନ ବିଚାରପତିଙ୍କ ପ୍ରାରମ୍ଭିକ ମୌଖିକ ଟିପ୍ପଣୀକୁ ଜନସାଧାରଣ କିମ୍ବା ଗଣମାଧ୍ୟମ ଆଉ ଶୁଣିପାରିବେ ନାହିଁ। ନିକଟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସ୍ପଷ୍ଟ କରିଥିଲେ ଯେ, କୌଣସି ନୂତନ ମାମଲାକୁ ଜରୁରୀ ଶୁଣାଣି ପାଇଁ ଉପସ୍ଥାପନ କରିବା ଏକ "ପ୍ରଶାସନିକ" କାର୍ଯ୍ୟ, ଏହା ଆନୁଷ୍ଠାନିକ ନ୍ୟାୟିକ ଶୁଣାଣି ନୁହେଁ, ତେଣୁ ଏହାର ସମ୍ବାଦ ପ୍ରସାରଣ ହେବା ଉଚିତ ନୁହେଁ। ବୁଧବାରର ଏହି ନୂତନ ନିର୍ଦ୍ଦେଶ ଜରିଆରେ କୋର୍ଟ ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିଛନ୍ତି। ସାଧାରଣତଃ



ଜରୁରୀ ଜନସ୍ୱାର୍ଥ ମାମଲା (ପିଆଇଏଲ୍) କିମ୍ବା ରାଜନୈତିକ ସଂବେଦନଶୀଳ ବିବାଦଗୁଡ଼ିକୁ ଶୀଘ୍ର ଶୁଣାଣି ପାଇଁ ଓକିଲମାନେ ଏହି ପ୍ରକ୍ରିୟାର ସାହାରା ନେଇଥାନ୍ତି। ଏହି ସମୟରେ ହେଉଥିବା ମୌଖିକ ଆଲୋଚନା ଗଣମାଧ୍ୟମରେ ପ୍ରକାଶ ପାଇବା ଦ୍ୱାରା ମାମଲାଟି ଆନୁଷ୍ଠାନିକ ଭାବେ ଗ୍ରହଣ ହେବା ପୂର୍ବରୁ ଅନେକ ସମୟରେ ଚର୍ଚ୍ଚା ସୃଷ୍ଟି ହେଉଥିଲା। ସୁପ୍ରିମ୍ କୋର୍ଟଙ୍କ ଏହି ନୂତନ ନିୟମ ଦ୍ୱାରା ନ୍ୟାୟିକ ଶୁଣାଣି ଏବଂ କେସ୍ ତାଲିକାଭୁକ୍ତ କରିବାର ପ୍ରଶାସନିକ ପ୍ରକ୍ରିୟା ମଧ୍ୟରେ ଏକ ସ୍ପଷ୍ଟ ପ୍ରଭେଦ ସୃଷ୍ଟି ହୋଇପାରିଛି। ଅନ୍ୟ ଏକ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯାହା ବିକାଶ ଏବଂ ପରିବେଶ ମଧ୍ୟରେ ସନ୍ତୁଳନ ସ୍ଥାପନ କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଭବିଷ୍ୟତରେ କୌଣସି ନୂତନ ପ୍ରକଳ୍ପ ଆରମ୍ଭ କରିବା ପୂର୍ବରୁ ପରିବେଶଗତ ମଞ୍ଜୁରୀ ଆବଶ୍ୟକ ହେବ। କାମ ଆରମ୍ଭ ହେବା ପରେ ଅନୁମତି ଦିଆଯିବ ନାହିଁ। କୋର୍ଟ କହିଛନ୍ତି ଯେ, ଏହି ନିଷ୍ପତ୍ତି କେବଳ ପୂର୍ବରୁ ହିଁ ପ୍ରଯୁଜ୍ୟ ହେବ। ଯେଉଁ ପ୍ରକଳ୍ପଗୁଡ଼ିକ ପୂର୍ବରୁ ପରିବେଶଗତ ମଞ୍ଜୁରୀ ପାଇସାରିଛନ୍ତି, ସେଗୁଡ଼ିକ ଏହା ଦ୍ୱାରା ପ୍ରଭାବିତ ହେବେ ନାହିଁ। ଶୀର୍ଷକୋର୍ଟ ୨୦୨୧ ମସିହାର ଏକ ସରକାରୀ ଆଦେଶକୁ ମଧ୍ୟ ଖାରଜ କରିଦେଇଛନ୍ତି ଯାହା ପ୍ରକଳ୍ପ ସମାପ୍ତ ହେବା ପରେ କିମ୍ବା କାର୍ଯ୍ୟ ହେବା ପରେ କେନ୍ଦ୍ର ସରକାରଙ୍କୁ ପରିବେଶଗତ ମଞ୍ଜୁରୀ ପ୍ରଦାନ କରିବାର କ୍ଷମତା ଦେଇଥିଲା। କେନ୍ଦ୍ର ସରକାରଙ୍କ ଏହି ଆଦେଶ ଅନୁଯାୟୀ, କମ୍ପାନିଗୁଡ଼ିକ ପରିବେଶଗତ ମଞ୍ଜୁରୀ ବିନା ପ୍ରକଳ୍ପ ଆରମ୍ଭ କରି ପରେ ସରକାରୀ ଅନୁମୋଦନ ପାଇପାରୁଥିଲେ। ସୁପ୍ରିମକୋର୍ଟ ଏହି ସରକାରୀ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ରଦ୍ଦ କରି କହିଛନ୍ତି ଯେ, ପରିବେଶ କ୍ଷତି କରିବା ପରେ କ୍ଷମା ମାଗିବାର ଏହି ବ୍ୟବସ୍ଥା ତ୍ରୁଟିଯୁକ୍ତ। ଭବିଷ୍ୟତରେ, କୌଣସି କମ୍ପାନି ପୂର୍ବ ଅନୁମତି ବିନା କାମ ଆରମ୍ଭ କରିପାରିବେ ନାହିଁ।

# ସୁନା ବ୍ୟବସାୟୀଙ୍କଠାରୁ ୩୬ ଲକ୍ଷ ଲୁଟ୍ ଘଟଣା: ୬ ଗିରଫ

## ତଡ଼ା ଖାଇଥିବା କର୍ମଚାରୀ ଷଡ଼ଯନ୍ତ୍ରକାରୀ



କଟକ(ନିପ୍ର): ମଧୁପାଟଣା ଥାନା ମାତୃଭବନ ତାଳବଣିଆ କେନାଲ ପୋଲ ଉପରେ ମହିଳା ସୁନା ବ୍ୟବସାୟୀଙ୍କ ଠାରୁ ୩୬ ଲକ୍ଷ ଲୁଟ୍ ଘଟଣାରେ ମଧୁପଟଣା ଥାନା ପୋଲିସ ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ଗୋଟିଏ ନୂଆ ମୋବାଇଲ ସମେତ ମୋଟ ୬ଟି ମୋବାଇଲ, ଗୋଟିଏ ହ୍ୟୁଣ୍ଡାଇ କାର ଓ ନଗଦ ୧ ଲକ୍ଷ ୦୫ ହଜାର ଟଙ୍କା ଜବତ କରିଛି । ଗତକାଲି ଲାଲବାଗ ଥାନା ଅନ୍ତର୍ଗତ ଦିୱାନ ବଜାରର ସେକ ହାଇଦର ଓରଫ ରାହୁଲ (୩୭) ଓ ସିଡିଏ ଫେଜ ୨ ଥାନା ଅନ୍ତର୍ଗତ ଧବଳେଶ୍ୱର ଗଡ଼ାର ଆନନ୍ଦ ସାହା (୨୭)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବୁଧବାର ମାର୍ଶାଘାଇ ଥାନା ଅନ୍ତର୍ଗତ ଦରମୁଣ୍ଡର ମାନସ ମଲ୍ଲିକ ଓରଫ ପାଗଳ (୨୨), ଜିରାଙ୍ଗର ବିଶ୍ୱଜିତ ବେହେରା (୨୨), କରମକୁଳର ବିବେକାନନ୍ଦ ସେନାପତି ଓରଫ ରାଜା (୨୯) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁରର ରାଜେଶ ଜେନା (୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମହିଳା ବ୍ୟବସାୟୀଙ୍କ ନିକଟରେ କାର୍ଯ୍ୟକରି ତଡ଼ା ଖାଇଥିବା କର୍ମଚାରୀ ହିଁ ଷଡ଼ଯନ୍ତ୍ରକାରୀ ବୋଲି ପୁଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା । ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ହାୱଡ଼ା-କଟକ ରୋଡ଼ ଗଣେଶ ମନ୍ଦିର ନିକଟରେ ରହୁଥିବା ପିଙ୍କି ଗୁପ୍ତାଙ୍କର ଅଳଙ୍କାର ଦୋକାନ ରହିଛି । ଏହାବାଦ୍ ସେ ରାଜ୍ୟ ବାହାରୁ ସୁନା ଆଣି ବ୍ୟବସାୟୀଙ୍କୁ ଯୋଗାଉଛନ୍ତି । ଗତ ୧୩ ତାରିଖରେ କୋଲକାତା ଯାଉଥିବା ଏକ ବସରେ ଟିକେଟ କାଟିଥିଲେ । ରାତିପ୍ରାୟ ୯ଟା ୪୫ ସମୟରେ ପିଙ୍କି ଏବଂ ଟ୍ରାଭେଲିଂ ବ୍ୟାଗରେ ୩୬ ଲକ୍ଷ ଟଙ୍କା ଧରି ତାଙ୍କର ଜଣେ ସମ୍ପର୍କୀୟ ଜ୍ଞାନରଞ୍ଜନ ସାହୁଙ୍କ ସହିତ ସ୍କୁଟିରେ ଓଏମପି ଛକସ୍ଥିତ କୋଲକାତା ବସ୍ ରହଣିସ୍ଥଳକୁ ଆସୁଥିଲେ । ସମ୍ରାଟ ହଲ କଟ୍ ଦେଇ ଗଲେ । ତାଳବଣିଆ ପୋଲ ଅତିକ୍ରମ କରିବା ସମୟରେ ୪ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ । ଫଳରେ ଗାଡ଼ି ସହିତ ପିଙ୍କି ଓ ସମ୍ପର୍କୀୟ ଜ୍ଞାନ ତଳେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ପିଙ୍କିଙ୍କଠାରୁ ଟ୍ରାଭେଲିଂ ବ୍ୟାଗ ଛଡ଼ାଇ ନେଇ ପଳାଇ ଯାଇଥିଲେ । ଖବର ପାଇ ମଧୁପାଟଣା ପୁଲିସ ସେଠାରେ ପହଞ୍ଚି ଆହତଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା । ଏହାପରେ ବାଲୁବଜାର ସୋନି ଜୁଓ୍ୱେଲେରୀ ମାଲିକ ସଞ୍ଜୟ ସାହା ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଏତଲାକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଏଥିପାଇଁ ଏସିପି ଓ ଇନିସ୍ପେକ୍ଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଏହି ତଦନ୍ତକାରୀ ଦଳ ସିସିଟିଭି ଫୁଟେଜ୍ ଓ ସନ୍ଦେହ ବୟାନ ଆଧାରରେ ଛାନଭିନ କରିବା ପରେ ପ୍ରଥମେ ଆନନ୍ଦକୁ ଗିରଫ କରିଥିଲା । ତାକୁ ପଚରାଉଚୁରା ପରେ ପୁଲିସ ଅନ୍ୟତମ ଅଭିଯୁକ୍ତ ହାଇଦରକୁ ଗିରଫ କରିବା ପରେ ପୁରା ଲୁଟ୍ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଥିଲା । ପୂର୍ବରୁ ଆନନ୍ଦ ପିଙ୍କିଙ୍କ ପାଖରେ ରହି କାର୍ଯ୍ୟ କରୁଥିଲା । ତେଣୁ ତାଙ୍କର କାରବାର ସମ୍ପର୍କରେ ସେ ଭଲ ଭାବେ ଜାଣିଥିଲା । କୌଣସି ଏକ ଘଟଣାକୁ ନେଇ କିଛିମାସ ପୂର୍ବେ ପିଙ୍କି ତାଙ୍କୁ କାମରୁ ବାହାର କରିଦେଇଥିଲେ । ଏହାପରେ ଆନନ୍ଦ କାଫଲା ବଜାରରେ ଏକ ଗାଡ଼ି ମରାମତି ଗ୍ୟାରେଜ୍ କରିଥିଲେ ହେଁ ପ୍ରତିଶୋଧ ନେବାଲାଗି ଯୋଜନା କରୁଥିଲା । ବିଶେଷକରି ପିଙ୍କି ପ୍ରତ୍ୟେକ ମାସର କେଉଁ ଦିନରେ ବ୍ୟବସାୟୀମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସୁନା କିଣିବା ଲାଗି କୋଲକାତା ଯାଆନ୍ତି ତାହା ଆନନ୍ଦକୁ ବେଶ୍ ଭଲଭାବେ ଜଣାଥିଲା । ତେଣୁ ଲୁଟ୍‌ପାଟ୍ ଘଟାଇବା ଲାଗି ତାର ସାଙ୍ଗ ହାଇଦର ସହିତ ଯୋଗାଯୋଗ କରିଥିଲା । ହାଇଦର ତାର ଦଳ ସହିତ ମିଶି ଲୁଟର ଷଡ଼ଯନ୍ତ୍ର ରଚିଥିଲା ।

## ନିଜକୁ କ୍ରାଇମବ୍ରାଞ୍ଚ ଅଧିକାରୀ କହି ବ୍ଲାକମେଲିଂ, ସାମ୍ବାଦିକ ଗିରଫ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ନିଜକୁ କ୍ରାଇମବ୍ରାଞ୍ଚର ଅଧିକାରୀ ବୋଲି ପରିଚୟ ଦେଇ ଏକ ଶିକ୍ଷାନୁଷ୍ଠାନ ମାଲିକଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣେ ସାମ୍ବାଦିକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପ୍ରବୀର ବାରିକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିକାଶ ଚନ୍ଦ୍ର ସେଠୀ ଏୟାରପୋର୍ଟ ଥାନା ଅନ୍ତର୍ଗତ ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର-୨୨୩ (ବି-ବ୍ଲକ)ରେ ରୁହନ୍ତି । ଅଭିଯୋଗକାରୀଙ୍କ ଭାଇ ପ୍ରକାଶ ସେଠୀଙ୍କର ବାରିପଦା ଠାରେ 'ବିଜୁ ପଟ୍ଟନାୟକ ନର୍ସିଂ କଲେଜ' ନାମରେ ଏକ ନର୍ସିଂ ଶିକ୍ଷାନୁଷ୍ଠାନ ରହିଛି । ଅଭିଯୋଗକାରୀ ସେହି କଲେଜରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି । ଅଭିଯୁକ୍ତ ପ୍ରବୀର ବାରିକ ଓ ତାଙ୍କ ପତ୍ନୀ ପ୍ରତିମା ବାରିକ ଉଭୟେ ସାମ୍ବାଦିକ ଏବଂ ଏକ ନ୍ୟୁଜ୍ ଚ୍ୟାନେଲ୍ ପରିଚାଳନା କରନ୍ତି । ପୂର୍ବରୁ ସେମାନେ ଅଭିଯୋଗକାରୀଙ୍କ ଏକ ସାକ୍ଷାତକାର ନେଇଥିଲେ, ଯାହା ପାଇଁ ଅଭିଯୋଗକାରୀ ସେମାନଙ୍କୁ ୪,୦୦୦ ଟଙ୍କା ଦେଇଥିଲେ । ପରେ ପ୍ରତିମା ବାରିକ ନିଜ ନ୍ୟୁଜ୍ ଚ୍ୟାନେଲ୍ ପାଇଁ ୫୦,୦୦୦ ଟଙ୍କାର ବିଜ୍ଞାପନ ଦେବାକୁ କହିଥିଲେ । କିନ୍ତୁ ଅଭିଯୋଗକାରୀ ଏତେ ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ଦେବା ସମ୍ଭବ ନୁହେଁ ବୋଲି ରୋକଠୋକ ମନା କରିଥିଲେ । ଏହା ପରେ ପ୍ରବୀର ବାରିକ ଓ ପ୍ରତିମା ବାରିକ ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇଥିଲେ । କିଛି ଦିନ ପରେ, ଅଭିଯୋଗକାରୀ ଦିଲ୍ଲୀରେ ଥିବା ସମୟରେ ତାଙ୍କ ମୋବାଇଲ୍ ନମ୍ବରକୁ ହ୍ୱାଟ୍ସଆପ ମାଧ୍ୟମରେ ଏକ ଆପତ୍ତିଜନକ ଫଟୋ ପଠାଯାଇଥିଲା । ସେହି ଫଟୋକୁ ଏଆଇ ପ୍ରଯୁକ୍ତି ମାଧ୍ୟମରେ ତିଆରି କରାଯାଇଥିବା ଏବଂ ସେଥିରେ ତାଙ୍କ ମୁହଁକୁ ବ୍ୟବହାର କରାଯାଇଥିବା ନେଇ ଅଭିଯୋଗକାରୀ ସନ୍ଦେହ କରିଥିଲେ । ଅଭିଯୋଗକାରୀ ଏନେଇ ଉଭୟଙ୍କୁ ପ୍ରଶ୍ନ କରିବାରୁ, ଅଭିଯୁକ୍ତ ପ୍ରବୀର ଓ ପ୍ରତିମା ନିଜକୁ କ୍ରାଇମ୍ ବ୍ରାଞ୍ଚର ଅଧିକାରୀ ବୋଲି ପରିଚୟ ଦେଇ କହିଥିଲେ ଯେ, ତାଙ୍କର ଏକ ଆପତ୍ତିଜନକ ଭିଡିଓ ସେମାନଙ୍କ ପାଖରେ ଅଛି । ପରବର୍ତ୍ତୀ ସମୟରେ ସେମାନେ ଅଭିଯୋଗକାରୀଙ୍କୁ ସେମାନଙ୍କ ଅଫିସକୁ ଡାକି ୨ଲକ୍ଷ ଟଙ୍କା ଦେଲେ ମାମଲାକୁ ସମାଧାନ କରିଦେବେ ବୋଲି କହିଥିଲେ ଏବଂ ଟଙ୍କା ନ ଦେଲେ ଉକ୍ତ ଫଟୋ ଓ ଭିଡିଓକୁ ସେମାନେ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲେ । ପୁଲିସ ଏହି ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ପ୍ରବୀର କୁମାର ବାରିକଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ ।

## ଯୁବକଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡାଇ ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ଷ୍ଟେସନ ପାଖ ରାସ୍ତାରେ ଠିଆ ହୋଇଥିବା ବେଳେ ଜୋରଜବରଦସ୍ତ ଟଙ୍କା ଓ ମୋବାଇଲ ଛଡାଇ ନେବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସନ୍ତୋଷି ନାୟକ ଏବଂ ଏସକେ ସାଜନ । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିବେକାନନ୍ଦ ନାୟକ ହେଉଛନ୍ତଇ ଗଞ୍ଜାମ ଜିଲ୍ଲା କହ୍ନେଇପୁର ବାସିନ୍ଦା । ଗତକାଲି ଅପରାହ୍ଣ ୫.୩୦ ସମୟରେ ସେ ମାଷ୍ଟର କ୍ୟାଣ୍ଟିନସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଛିଡା ହୋଇଥିବା ବେଳେ, ଜଣେ ମହିଳା ପାଖକୁ ଆସି କୁଆଡେ ଯିବେ ବୋଲି ପ୍ରଶ୍ନ କରିଥିଲେ । ଅଭିଯୋଗକାରୀ ତାଙ୍କ ପ୍ରଶ୍ନର କିଛି ଉତ୍ତର ନଦେବାରୁ, ଅଭିଯୁକ୍ତ ମହିଳା ଜଣକ ହଠାତ ତାଙ୍କ ପକେଟରୁ ତାଙ୍କ ମୋବାଇଲ ଫୋନ କାଢି ନେଇଥିଲେ ଏବଂ ମୋବାଇଲ ଫେରାଇବା ଲାଗି ୫୦୦ ଟଙ୍କା ଦେବାକୁ କହିଥିଲେ । ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବା ସହ ମୋବାଇଲ ଫେରାଇବା ଲାଗି ଅନୁରୋଧ କରିଥିଲେ । ଠିକ ଏତିକି ବେଳେ, ନିକଟରେ ଥିବା ସହଯୋଗୀ ଅଭିଯୁକ୍ତ ଏସକେ ସାଜନ ପାଖକୁ ଆସି ତାଙ୍କ ସହିତ ଯୁକ୍ତିତର୍କ କରିବା ସହ ପେଲାଠେଲା କରିଥିଲେ ଏବଂ ତାଙ୍କ ପକେଟରୁ ୫,୦୦୦ ଟଙ୍କା ଜୋରଜବରଦସ୍ତ କାଢି ନେଇଯାଇଥିଲେ । ପରେ ଉଭୟ ଘଟଣାସ୍ଥଳ ଛଡୀ କେଉଁଆଡେ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ କେଶରୀ ହୋଟେଲ ସମ୍ମୁଖରୁ ଗିରଫ କରିଥିବା ବେଳେ, ଉଭୟଙ୍କ ନିକଟରୁ ଲୁଟ ୫୦୦୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରିଥିଲେ । ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ସନ୍ତୋଷି ନାୟକ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୩ ଟି ଭିନ୍ନ ଅପରାଧିକ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଏସକେ ସାଜନ ନାମରେ ୪ଟି ମାମଲା ରହିଛି ।

## ଦୁଇ ଲାଞ୍ଚୁଆ ଅଧିକାରୀଙ୍କୁ କାରାଦଣ୍ଡ

କଟକ(ନିପ୍ର): ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୁଇଟି ପୃଥକ ଦୁର୍ନୀତି ମାମଲାର ବିଚାର କରି ଦୁଇଜଣ ସରକାରୀ ଅଧିକାରୀଙ୍କୁ କାରାଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । କଟକଜିଲ୍ଲା ବଡ଼ମ୍ବା ସେକ୍ସନ୍‌ର ପୂର୍ବତନ ରୁରାଲ୍ ୱାର୍କ୍ସ ବିଭାଗର ଅବସରପ୍ରାପ୍ତ ପୂର୍ବତନ କନିଷ୍ଠ ଯନ୍ତ୍ରୀ ଶିବନାରାୟଣ ପାଲ୍‌ଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା ୧୩(୨), ୧୩(୧)ରେ ୨ ବର୍ଷ କାରାଦଣ୍ଡ ଓ ୫ଲକ୍ଷ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଶିବନାରାୟଣ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରୁ ଅବସର ନେଇଥିଲେ । ଅଦାଲତଙ୍କ ଏହି ରାୟ ପରେ ଦୋଷୀ ଅଧିକାରୀଙ୍କ ପେନ୍‌ସନ ବନ୍ଦ କରିବାକୁ ବିଭାଗୀୟ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଅନ୍ୟ ଏକ ମାମଲାରେ, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଆରସିଏମ୍‌ଏସ୍‌ର ପୂର୍ବତନ ସଚିବ ଧୀରେନ୍ଦ୍ର କୁମାର ଶତପଥୀଙ୍କୁ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଦୁର୍ନୀତି ନିବାରଣ ଆଇନ ୧୩(୨), ୧୩(୧) (ସି)(ଡି) ଓ ଆଇପିସି ୪୦୯ ଧାରାରେ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ଆର୍ଥିକ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି । ଧୀରେନ୍ଦ୍ର କୁମାରଙ୍କ ପେନ୍‌ସନ ବନ୍ଦ କରିବାକୁ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ।

## ପୁଲଗୁମି ବନଦୁର୍ଗା ମନ୍ଦିରରୁ ମୁକୁଟ ଚୋରି

କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ ଅଲଡା ଗ୍ରାମ ନିକଟରେ ଥିବା ବହୁ ପୁରାତନ ପୁଲଗୁମି ବନ ଦୁର୍ଗା ମନ୍ଦିରରୁ ବୁଧବାର ଦୁର୍ବୃତ୍ତମାନେ ଗାଡି ପୂଜା କରିବା ବାହାନାରେ ଆସି ବନଦୁର୍ଗାଙ୍କ ମସ୍ତକରେ ଥିବା ରୁପା ମୁକୁଟଟିକୁ ତାଡି ନେଇ ଚମ୍ପଟ ମାରିଛି । ସୂଚନା ମୁତାବକ ଦୁଇଜଣ ବାଇକ ଯୋଗେ ପୂଜା କରିବା ପାଇଁ ଆସି ଜଣେ ବାହାରେ ବାଇକରେ ବସି ଜଗି ରହିଥିବା ବେଳେ ଅନ୍ୟ ଜଣେ ଗାଡି ପୂଜା କରିବା ପାଇଁ ବେଲ ପତ୍ର ଆଣିବା ପାଇଁ ପୂଜକକୁ ପଠାଇଥିଲେ । ଏହି ସୁଯୋଗରେ ଦୁର୍ବୃତ୍ତମାନେ ମୁକୁଟଟିକୁ ଚୋରିକରି ବାଇକ ଯୋଗେ ଚମ୍ପଟ ମାରିଛନ୍ତି । କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ତୁରନ୍ତ ମନ୍ଦିର ନିକଟରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

## ଯୁବକଙ୍କୁ ଷ୍ଟାମ୍ପରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଘର ସମ୍ମୁଖରେ ଯୁବକଙ୍କୁ ଏକ ଷ୍ଟାମ୍ପରେ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଶୁଭ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ, ଅଭିଯୁକ୍ତ ଶୁଭ ନାୟକ ନିଶାସକ୍ତ ଅବସ୍ଥାରେ ଅଭିଯୋଗକାରୀ ସୁଭାଷ ଚନ୍ଦ୍ର ନାୟକଙ୍କ ଘରକୁ ଆସି ତାଙ୍କୁ ବାହାରକୁ ଡାକିଥିଲେ । ଅଭିଯୋଗକାରୀ ବାହାରକୁ ଆସିବା ପରେ, ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ 'ଆଜି ତୋତେ ଜୀବନରୁ ମାରିଦେବୁ' ବୋଲି ଧମକ ଦେଇଥିଲେ । ଏହାପରେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ କାଠ ଷ୍ଟାମ୍ପ ସହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ, ଫଳରେ ଅଭିଯୋଗକାରୀ ଆହତ ହୋଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନିଜ ଘରୁ ଏକ ଧାରୁଆ କଟୁରୀ ଆଣି ଅଭିଯୋଗକାରୀଙ୍କ ଘରର କବାଟ, ମୋଟରସାଇକେଲ ଏବଂ ତାଙ୍କ ଦ୍ୱାରା ନିର୍ମିତ ଛୋଟ ମନ୍ଦିରକୁ କ୍ଷତିଗ୍ରସ୍ତ କରିଥିଲେ । ଘଟଣା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଏହି ମାମଲାର ତଦନ୍ତ କାଳରେ ପୁଲିସ୍ ଅଭିଯୁକ୍ତ ସୁଭ ନାୟକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଲୁହା କଟୁରୀ ଓ କାଠ ଷ୍ଟାମ୍ପ ଜବତ କରାଯାଇ ଥିଲା । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଚନ୍ଦ୍ରଶେଖରପୁର ଥାନାରେ ତିନିଗୋଟି ଅପରାଧିକ ମାମଲା ରହିଛି ।

### ସୋନପୁର ଅବକାରୀ ବିଭାଗକୁ ବଡ଼ ସଫଳତା

## ଦୁଇଟି ସ୍ଥାନରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ: ୪ ଗିରଫ



ସୋନପୁର(ନିପ୍ର): ବେଆଇନ ନିଶାଦ୍ରବ୍ୟ କାରବାର ଉପରେ ରୋକ ଲଗାଇବା ଦିଗରେ ସୋନପୁର ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଛି । ବିଭାଗ ପକ୍ଷରୁ ଜିଲ୍ଲାର ପୃଥକ ପୃଥକ ଦୁଇଟି ସ୍ଥାନରେ ଅଚାନକ ଚଢ଼ାଉ କରାଯାଇ ମୋଟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ଏହି ବେଆଇନ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ବିଭାଗ ପକ୍ଷରୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର କୁମାର ଶ୍ରୀମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ସୋନପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା । ଏହି ପାଟ୍ରୋଲିଂ ସମୟରେ ସୋନପୁର–ସମ୍ବଲପୁର ରାସ୍ତାର ପତ୍ରାପାଲି ନିକଟରେ ଅବକାରୀ ଟିମ୍ ଏକ ଶୁଖିଲା ଲଙ୍କା ବୋଝେଇ ବୋଲେରୋ ପିକଅପ୍ ଗାଡ଼ିକୁ ଯାଉଥିବାର ଦେଖିଥିଲେ । ଗାଡ଼ିର ଗତିବିଧି ସନ୍ଦେହଜନକ ମନେ ହେବାରୁ ଅଧିକାରୀମାନେ ତାହାକୁ ଅଟକାଇ ତନ୍ନତନ୍ନ କରି ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ମାଫିଆଙ୍କ ଚୋରା ଚାଲାଣର ଅଭିନବ ତରିକା ପଦାକୁ ଆସିଥିଲା । ଗାଡ଼ିର ଉପର ଭାଗରେ କେବଳ ଶୁଖିଲା ଲଙ୍କା ବସ୍ତା ବୋଝେଇ ହୋଇଥିବା ବେଳେ, ସେଗୁଡ଼ିକ ତଳେ ଅତି ଚତୁରତାର ସହ ଲୁଚାଇ ରଖାଯାଇଥିଲା ବ୍ୟାପକ ପରିମାଣର ଗଞ୍ଜେଇ । ବିଭାଗୀୟ ଅଧିକାରୀମାନେ ସେଠାରୁ ପ୍ରାୟ ୪ କୁଇଣ୍ଟାଲ ଗଞ୍ଜେଇ ବାହାର କରି ଜବତ କରିଥିଲେ । ସେହିପରି ଅନ୍ୟ ଏକ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇ ଅବଶିଷ୍ଟ ଗଞ୍ଜେଇ ଜବତ କରାଯାଇଛି । ଏହି ଦୁଇଟି ଘଟଣାରେ ସମୁଦାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ ହେବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏତେ ବିପୁଳ ପରିମାଣର ଗଞ୍ଜେଇ କେଉଁଠାରୁ ଆସୁଥିଲା ଏବଂ କେଉଁ ସ୍ଥାନକୁ ଚାଲାଣ ହେଉଥିଲା, ସେ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

### ପରବର୍ତ୍ତୀ ଶୁଣାଣି ଯାଏଁ ହୋଇପାରିବେନି ଗିରଫ

କଟକ(ନିପ୍ର): ପୂର୍ବତନ ସାଂସଦ ଏନ ଭାସ୍କର ରାଓଙ୍କୁ ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି । ରାୟଗଡ଼ା ଥାନାର ଏକ ଠକେଇ ମାମଲାରେ ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଗିରଫ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାୟଗଡ଼ା ଥାନା କେସ୍‌ରେ ବି. ମନ୍ମଥ ରାଓ ଓ ଅନ୍ୟମାନେ ହାଇକୋର୍ଟରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିଲେ । ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ଅଭିଯୋଗକାରୀଙ୍କୁ ବିପକ୍ଷ ପକ୍ଷ ଭାବେ ସାମିଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପରବର୍ତ୍ତୀ ଶୁଣାଣି ବେଳେ ମାମଲାର କେସ୍ ଡାଏରୀ ଉପସ୍ଥାପନ କରିବାକୁ ସରକାରଙ୍କ ଓକିଲଙ୍କୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ ଅଗଷ୍ଟରେ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି । ସେପର୍ଯ୍ୟନ୍ତ ଆବେଦନକାରୀ ମାନଙ୍କୁ ଏହି ମାମଲାରେ ଗିରଫ ନ କରିବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ତେବେ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆବେଦନକାରୀଙ୍କୁ କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ସାରୁ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ହିଞ୍ଜିଳି ପୁଲିସ ଉଦ୍ଧାର କରିଛି । ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ସାରୁ ଗ୍ରାମର ରବିନ୍ଦ୍ର ନାୟକ (୪୮) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୧୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ମୃତ ରବିନ୍ଦ୍ର ଅନୁଗୁଳ ଇସ୍ପାତ କାରଖାନାରେ କାମ କରୁଥିଲେ । ମା'ଙ୍କ ଦେହ ଅସୁସ୍ଥ ଥିବା ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ଯୁବକ ଜଣଙ୍କ ସାରୁ ଗ୍ରାମରେ ପହଞ୍ଚିଥିଲେ । ରାତିରେ ଖାଇପିଇ ଶୋଇଥିଲେ । ବୁଧବାର ସକାଳେ ପରିବାର ଲୋକେ ତାଙ୍କୁ ନିଦରୁ ଉଠାଇଥିଲେ ମଧ୍ୟ ସେ ଉଠିନଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ନେଇ ମୃତକଙ୍କ ଭଣଜା ଲକ୍ଷ୍ମୀକାନ୍ତ ନାୟକ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ମୃତ୍ୟୁର କାରଣ ଜଣାପଡିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲି ପୁଲିସ କହିଛି ।

## ଦୋକାନ ଭିତରୁ ମାଲିକ ବେକରୁ ଚେନ ଲୁଟ୍, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ଦୋକାନକୁ ଜିନିଷ କିଣିବାକୁ ଆସି ମାଲିକଙ୍କ ବେକରୁ ଚେନ ଛିଣ୍ଡାଇ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତକୁ ଏୟାରପୋର୍ଟ ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନିଖିଲ ସାମଲ ଓ ସମୀର ନାୟକ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅନନ୍ତ କିଶୋର ପଣ୍ଡା ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱରରେ ନିଜ ପରିବାର ସହ ରହୁଛନ୍ତି ଏବଂ ସେଠାରେ 'ଗଣପତି ଭେରାଇଟି ଷ୍ଟୋର୍' ନାମରେ ଏକ ଦୋକାନ ଚଳାଉଛନ୍ତି । ଗତ ୦୮.୦୭.୨୦୨୬ ରାତି ପ୍ରାୟ ୧୦.୩୦ ସମୟରେ, କଳା ରଙ୍ଗର ଏକ ବଜାଜ୍ ପଲସର୍ ମୋଟରସାଇକେଲ୍‌ରେ ହେଲମେଟ୍ ପିନ୍ଧିଥିବା ତିନିଜଣ ଯୁବକ ତାଙ୍କ ଦୋକାନକୁ ଆସିଥିଲେ । ସେମାନେ କିଛି ସାମଗ୍ରୀର ଦାମ ପଚାରିବା ବେଳେ, ଅଭିଯୋଗକାରୀ ସେମାନଙ୍କୁ ଦାମ କହୁଥିଲେ । ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ହଠାତ୍ ଅଭିଯୋଗକାରୀଙ୍କ ବେକରୁ ପ୍ରାୟ ୨୦ରୁ ୨୫ ଗ୍ରାମ ଓଜନର ସୁନା ଚେନ୍ ଛିଣ୍ଡାଇ ନେଇ ଅନ୍ୟ ଦୁଇଜଣଙ୍କ ସହ ମୋଟରସାଇକେଲ୍‌ରେ ଫେରାର ହୋଇଯାଇଥିଲା । ଅଭିଯୋଗକାରୀ ସେମାନଙ୍କୁ କିଛି ଦୂର ପର୍ଯ୍ୟନ୍ତ ପିଛା କରିଥିଲେ । କିନ୍ତୁ ଅଭିଯୁକ୍ତମାନେ ଏକ ମାରାତ୍ମକ ଅସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବାରୁ, ନିଜ ଜୀବନର ସୁରକ୍ଷା ପାଇଁ ସେ ଆଉ ପିଛା କରିନଥିଲେ । ପରବର୍ତ୍ତୀ ତଦନ୍ତରେ ଜଣାପଡ଼ିଥିଲା ଯେ, ଖାରବେଳନଗର ଥାନା କେସ୍ ନଂ-୪୯୦/୨୦୨୬ରେ ଖାରବେଳନଗର ଥାନା ପୁଲିସ ତିନିଜଣ ଅଭିଯୁକ୍ତଙ୍କ ସହ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ହୋଇଥିଲେ । ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବଜାଜ୍ ପଲସର୍ ମୋଟରସାଇକେଲ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା । ଅଭିଯୁକ୍ତ ନିଖିଲ୍ ଓ ସମୀର ଗତ ୧୨.୦୭.୨୦୨୬ ରେ ଖାରବେଳନଗର ଥାନା ତରଫରୁ କୋର୍ଟ ଚାଲାଣ ହୋଇଥିଲେ । ପରବର୍ତ୍ତୀ ତଦନ୍ତରେ ଜଣାପଡ଼ିଥିଲା ଯେ, ଏହି ମାମଲାରେ ରିମାଣ୍ଡ ରିପୋର୍ଟ ମାନ୍ୟବର ଅଦାଲତଙ୍କ ଦ୍ୱାରା ଗ୍ରହଣ କରାଯିବା ପୂର୍ବରୁ ହିଁ ଅଭିଯୁକ୍ତ ନିଖିଲ କୁମାର ସାମଲ ଜାମିନରେ ମୁକ୍ତ ହୋଇଥିଲେ । ଅଧିକ ତଦନ୍ତ ସମୟରେ ଅଭିଯୁକ୍ତ ନିଖିଲ କୁମାର ସାମଲ ଓ ସମୀର ନାୟକଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା । ପଚରାଉଚରା ପରେ ଅଭିଯୁକ୍ତ ନିଖିଲ କୁମାର ସାମଲଙ୍କ ନିକଟରୁ ୨୦,୦୦୦ ଟଙ୍କା ଏବଂ ସମୀର ନାୟକଙ୍କ ନିକଟରୁ ୨୫,୦୦୦ ଟଙ୍କା ନଗଦ ଜବତ କରାଯାଇଥିଲା । ତଦନ୍ତ ବେଳେ, ଉଭୟ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ ।

# ୬୧ ହିତାଧିକାରୀଙ୍କୁ ମୋବାଇଲ ଫେରାଇଲା ହିଞ୍ଜିଳି ପୋଲିସ୍




ହିଞ୍ଜିଳିକାଟୁ: ଗତ ସପ୍ତାହ ତଳେ ହିଞ୍ଜିଳି ଥାନା ପୋଲିସ ପାଟ୍ରୋଲିଂ ବେଳେ ଜନଗହଳିପୂର୍ଣ୍ଣ ପନିପରିବା ବଜାରରୁ ଜଣେ ମୋବାଇଲ ଲୁଟେରାକୁ କାବୁ କରିଥିଲା । ତଦନ୍ତ ବେଳେ ବିଭିନ୍ନ ସ୍ଥାନରୁ ଚୋରି ଯାଇଥିବା ମୋବାଇଲ ଲୁଟରେ ତାର ସମ୍ପୃକ୍ତି ଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଥିଲା । ଲୁଟେରା ଠାରୁ ପୋଲିସ ବିଭିନ୍ନ କମ୍ପାନୀର ମୋବାଇଲ ସେଟ ଉଦ୍ଧାର କରି ଗିରଫ ସହ କୋର୍ଟ ଚାଲାଣ କରିଥିଲା । ଏଥିସହ ବିଭିନ୍ନ ସମୟରେ ଚୋରି ଯାଇଥିବା ୬୧ ମୋବାଇଲ ସେଟକୁ ପୋଲିସ ଉଦ୍ଧାର କରିଥିଲା । ଉଦ୍ଧାର ହୋଇଥିବା ୬୧ଟି ମୋବାଇଲ ସେଟକୁ ଅଭିଯୋଗକାରୀଙ୍କୁ ମୋବାଇଲ ମେଳା ମାଧ୍ୟମରେ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ ବିସିଙ୍କ ନିର୍ଦ୍ଦେଶରେ ହିଞ୍ଜିଳି ଥାନା ପରିସରରେ ଆଇଆଇସି ଶ୍ରୀନିବାସ ସେଠିଙ୍କ ତତ୍ତ୍ୱାବଧାନରେ ଏକ ମୋବାଇଲ ମେଳା ଆୟୋଜିତ ହୋଇଥିଲା । ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଆସିକା ପୁଲିସ ଉପଖଣ୍ଡ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶେରଗଡ଼ ଆଇଆଇସି ବିରେନ୍ଦ୍ର ସିଅଳ, ପାଟପୁର ଥାନା ଆଇଆଇସି ଦିପ୍ତିରଞ୍ଜନ ବେହେରା, କୋଟିନଡା ଥାନା ଆଇଆଇସି ଦାମୋଦର ବିହାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୋବାଇଲ ଲୁଟର ଶିକାର ହୋଇଥିବା ୬୧ ଅଭିଯୋଗକାରୀ ଉପଯୁକ୍ତ ପ୍ରମାଣ ଦାଖଲ କଲା ପରେ ସେମାନଙ୍କୁ ମୋବାଇଲ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ହିଞ୍ଜିଳି ଥାନା ଅଞ୍ଚଳର ୩୭, ଧରାକୋଟ ଥାନା ଅଞ୍ଚଳର ୬, କୋଟିନଡା ଥାନା ଅଞ୍ଚଳର ୩, ବଡଗଡ ଥାନା ଅଞ୍ଚଳର ୬, ସୋରଡା ଥାନା ଅଞ୍ଚଳର ୨, ପାଟପୁର ଥାନା ଅଞ୍ଚଳର ୪ ଓ ଶେରଗଡ଼ ଥାନା ଅଞ୍ଚଳର ୩ଟି ମୋବାଇଲ ଫୋନ ପାଇବା ପରେ ହରାଇଥିବା ମୋବାଇଲ ଫୋନ ହିତାଧିକାରୀଙ୍କୁ ଆୟୋଜିତ ଉପଖଣ୍ଡ ସ୍ତରୀୟ ମୋବାଇଲ ମେଳା ମାଧ୍ୟମରେ ଫେରସ୍ତ କରିଛି । ହଜେଇଥିବା ମୋବାଇଲକୁ ଫେରି ପାଇବା ପରେ ସମସ୍ତ ହିତାଧିକାରୀ ହିଞ୍ଜିଳି ପୁଲିସର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସରକୁ 'ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍' ଘୋଷଣା

କଟକ(ନିପ୍ର): ରାଷ୍ଟ୍ରପତିଙ୍କ ଆସନ୍ତା ୩ ତାରିଖରେ ବାଙ୍କୀସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗସ୍ତ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଏନଏସଏସ ଆଇନ,୨୦୨୩ର ଧାରା ୧୪(୧) ଓ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରିଛନ୍ତି । ୧ ତାରିଖଠାରୁ ରାଷ୍ଟ୍ରପତିଙ୍କ କଟକ ଜିଲ୍ଲା ଗସ୍ତ ସମାପ୍ତି ପର୍ଯ୍ୟନ୍ତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର, ହେଲିପ୍ୟାଡ୍, ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନ, ଭିଭିଆଇପି ରୁଟ୍ ଏବଂ ସମ୍ପୃକ୍ତ ସୁରକ୍ଷା ସମ୍ବେଦନଶୀଳ ଅଞ୍ଚଳକୁ 'ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା ନିମନ୍ତେ କାର୍ଯ୍ୟକ୍ରମ ସ୍ଥଳୀ ଓ ଏହାର ଆଖପାଖ ଅଞ୍ଚଳରେ ପାରା ଗ୍ଲାଇଡର, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି । ଏହି ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ, ୨୦୨୧, ଏୟାରକ୍ରାଫ୍ଟ ଆଇନ, ୧୯୩୪ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ । ଏଣୁ ସମସ୍ତ ବ୍ୟକ୍ତି ଏବଂ ସଂଗଠନ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶର ସଫଳ କାର୍ଯ୍ୟକାରିତା ଓ ସମନ୍ୱୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି । ନୋଡାଲ୍ ଅଧିକାରୀଙ୍କ ପୂର୍ବ ଲିଖିତ ଅନୁମତି ବିନା ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ଅବଧି ମଧ୍ୟରେ କୌଣସି ପ୍ରକାର ଡ୍ରୋନ୍ କିମ୍ବା ୟୁଏଭି ପରିଚାଳନାକୁ ଅନୁମତି ଦିଆଯିବ ନାହିଁ ।

# ଲଗାଣ ବର୍ଷା ଯୋଗୁ ଧାନଚାଷ କ୍ଷତି ଆଶଙ୍କା



ସାଲେପୁର,୨୯।୭(ନିପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସାଲେପୁର ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଧାନ ତଳି ଏମିତିକି ରୁଆ ହୋଇଥିବା ଧାନ ନଷ୍ଟ ହେବାକୁ ବସିଲାଣି। ଲଗାଣ ବର୍ଷା ଯୋଗୁ ଚାଷ ଜମି ଗୁଡ଼ିକ ଜଳମୟ ହୋଇପଡିଥିବାରୁ ଲଗାଯାଇଥିବା ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସାଲେପୁର ବ୍ଲକ୍‌ର ଛୋଟିନଟରା, ଛୋଟିପଡ଼ା, ମିର୍ଜାପୁର, ମଢ଼ଙ୍ଗା, ମାତନଗର, ରାଇସୁଙ୍ଗୁଡ଼ା, କେରଙ୍ଗା, କରମୁଆଁ, ଓରାବାରି, ସିଢ଼ୋ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି। ଗୋବରୀ ନଦୀ ଉପରେ ଥିବା ପୁରୁଣା ପୋଲ ତଳେ ଏବଂ ମାହାଙ୍ଗା ଚାହାପଡ଼ା ବରଦିଆ ଗ୍ରାମରେ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ପୋତାଯାଇଥିବା ଘେରିବନ୍ଧରେ ଦଳ ଲାଗିଯିବାରୁ ଅଧିକ ବର୍ଷାଜଳ ନିଷ୍କାସନ ହୋଇନପାରି ପ୍ରତିବର୍ଷ ବନ୍ୟା ହୋଇ ଏହି ଅଞ୍ଚଳର ଚାଷ ଜମି ଜଳମଗ୍ନ ହୋଇଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ବୈରାଗୀ ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ପିତାମ୍ବର ଧଳ, ପ୍ରଭାତ କୁମାର ସ୍ୱାଇଁ, ଅଜୟ କୁମାର ସ୍ୱାଇଁ, ଅଭୟ ମହାରଣା, ଗୋପିନାଥ ପଲେଇ, ସମୀର ଲେଙ୍କା, ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁଚାଷୀ ଅଭିଯୋଗ କରିବା ସହ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ନିବେଦନ କରିଛନ୍ତି। ଅପର ପକ୍ଷରେ କ୍ରମାଗତ ଲଗାଣ ବର୍ଷା ଯୋଗୁ ସାଲେପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଚାଷ ଜମି ଉପରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିବା ସହ ଧାନ ତଳି ଓ ଫସଲ ବର୍ଷା ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଯଦି ଦିନେ ଦୁଇଦିନ ଭିତରେ ଚାଷ ଜମିରୁ ବର୍ଷାପାଣି ନିଷ୍କାସିତ ହୋଇନପାରେ ତେବେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଏକ ପ୍ରକାର ସ୍ପଷ୍ଟ ଅନୁମାନ କରାଯାଉଛି। ଲଗାଣ ବର୍ଷା ଯୋଗୁ ଏହି ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗଗଲା ଭଳି ମନେ ହେଉଛି।

## ଅଗଷ୍ଟ ୧ରେ ଖୋଲିବ ଭିତରକନିକା

**ରାଜନଗର, ୨୯/୭:** ଅଗଷ୍ଟ ୧ ରୁ ଖୋଲିବ ଭିତରକନିକା । ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ । କୁମ୍ଭୀର ପ୍ରଜନନ ପାଇଁ ୩ ମାସ ବନ୍ଦ ରହିଥିଲା ଭିତରକନିକା । ମା କୁମ୍ଭୀର ଅଣ୍ଡା ଦେବା ପରେ ହିଂସ୍ର ଆଚରଣ ଦେଖାଇଥାନ୍ତି । ସେଥିପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଭିତରକନିକା ବନ୍ଦ ରହିଥିଲା । ଅଗଷ୍ଟ ୧ ତାରିଖରୁ ପର୍ଯ୍ୟଟକମାନେ ଭିତରକନିକା ପରିଭ୍ରମଣ କରିବା ସହ ରାତ୍ରି ଯାପନ କରିପାରିବେ ବୋଲି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର କହିଛନ୍ତି । ପ୍ରତିବର୍ଷ ମଇ ୧ ତାରିଖଠାରୁ ଜୁଲାଇ ୩୧ ତାରିଖ ଦୀର୍ଘ ୩ ମାସ ଧରି ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥାଏ । ମା' କୁମ୍ଭୀର ଅନ୍ତସତ୍ତ୍ୱା ହେବା ପରେ ଅଣ୍ଡା ଦେବାପାଇଁ ନିରାପଦ ସ୍ଥାନ ଖୋଜିଥାଏ । ନାଳ ଠୁଁ ଉଚ୍ଚ ସ୍ଥାନରେ ବସା କରି ଖରଖରି ପତ୍ର ୨ ଫୁଟ ଉଚ୍ଚର ଗଦା କରିଥାଏ ।

# ଗିଲ୍ ପୁଣି ୧ ନଂ. ଦିନିକିଆ ବ୍ୟାଟର



ଦୁବାଇ, ୨୯/୭: ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପୁଣି ଥରେ ବିଶ୍ୱର ୧ ନମ୍ବର ଦିନିକିଆ ବ୍ୟାଟର ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୧୮୮ ରନ୍‌ର ପାଳି ଖେଳିଥିବା ଗିଲ୍ (୮୦୧ ପଏଣ୍ଟ) ବୁଧବାର ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାର ଗୋଟିଏ ସ୍ଥାନ ଉଠି ଶୀର୍ଷରେ ପହଞ୍ଚିଛନ୍ତି। ଆହତ ଯୋଗୁଁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ଦୁଇ ମ୍ୟାଚ୍ ଖେଳି ନଥିବା ନ୍ୟୁଜିଲାଣ୍ଡର ଡାରିଲ ମିଚେଲ (୭୯୪) ଶୀର୍ଷ ସ୍ଥାନରୁ ଖସି ଦ୍ୱିତୀୟରେ ରହିଛନ୍ତି। ଅନ୍ୟ ଦୁଇ ଭାରତୀୟ ବିରାଟ କୋହଲି ଓ ରୋହିତ ଶର୍ମା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ସ୍ଥିର ରହିଛନ୍ତି। ବୋଲିଂ ମାନ୍ୟତାର ଶୀର୍ଷ ୧୦ରେ କୌଣସି ଭାରତୀୟ ନଥିଲା ବେଳେ କୁଲଦୀପ ଯାଦବ (ଏକାଦଶ) ଏହାର ନିକଟତର ଅଛନ୍ତି। ଅଲ୍‌ରାଉଣ୍ଡରରେ ଅକ୍ଷର ପଟେଲ (ନବମ) କେବଳ ଭାରତୀୟ ଭାବେ ଶୀର୍ଷ ୧୦ରେ ରହିଛନ୍ତି। ଟ୍ୱେଣ୍ଟି-୨୦ ବ୍ୟାଟିଂ ମାନ୍ୟତାରେ ଭାରତର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ବଡ଼ ଲମ୍ଫ ଦେଇ ୪୮ତମରେ ପହଞ୍ଚିଛନ୍ତି। ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ସେ ୩ ପାଳିରେ ୧୯୬.୧୦ ଷ୍ଟ୍ରାଇକ୍‌ରେଟ୍‌ରେ ୧୫୧ ରନ୍ କରିବା ସହ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ସେ ୨୩୦ ସ୍ଥାନ ଉପରକୁ ଉଠିଛନ୍ତି। ଈଶାନ କିଶନ ପୂର୍ବ ପରି ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ତିଳକ ବର୍ମା ୨ ଏବଂ ଶ୍ରେୟସ ଆୟର ୭ ସ୍ଥାନ ଉଠି ଯଥାକ୍ରମେ ଷଷ୍ଠ ଓ ୨୪ତମ ସ୍ଥାନ ରହିଛନ୍ତି। ବୋଲିଂ ଜିମ୍ବାୱେର ବ୍ଲେସିଂ ମୁଜରବାନି ୧୯ ସ୍ଥାନ ଉଠି ୨୬ ଏବଂ ଭାରତର ରବି ବିଷ୍ଣୋଇ ୩୧ ସ୍ଥାନ ଉଠି ୪୧ରେ ପହଞ୍ଚିଛନ୍ତି।

### ଜାପାନ ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧି ଦଳଙ୍କ ସହ..

# ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର, ୨୯/୭(ନିପ୍ର): ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ଜାପାନ ତତୋରି ପ୍ରଦେଶ ( ପ୍ରିଫେକ୍ଚର) ର ମୁଖ୍ୟ ଶାସନ ସଚିବ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ । ଏହି ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦି ସହଯୋଗ ସଂପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିମାନଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ବଢ଼ୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର ଆଦିରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଓଡ଼ିଶାର ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ସମନ୍ୱୟ ବିଶ୍ୱସ୍ତରୀୟ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ।

### ସିଏମ୍‌ଓରୁ ଫାଇଲ୍ ଗାୟବ ମାମଲା

## ତଦନ୍ତକୁ ଜୋର୍‌ଦାର କଲା କ୍ରାଇମବ୍ରାଞ୍ଚ

କଟକ, ୨୯/୭(ନିପ୍ର): ସିଏମ୍‌ଓରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଗାୟବ ହେବା ମାମଲାରେ କ୍ରାଇମବ୍ରାଞ୍ଚ ଏବେ ନିଜର ତଦନ୍ତକୁ ଆହୁରି ଜୋରଦାର କରିଛି । ବିଶେଷ କରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ସମ୍ପର୍କିତ ନାଇଡୁ କମିସନଙ୍କ ରିପୋର୍ଟ ଫାଇଲ୍ କୁଆଡ଼େ ଗଲା, ତାହାକୁ ନେଇ ଖୋଳତାଡ଼ କରୁଛି ତଦନ୍ତକାରୀ ଟିମ୍ । ଏହି ଫାଇଲ୍ କାର୍ଯ୍ୟାଳୟରେ କାହାକୁ ହସ୍ତାନ୍ତର କରାଯାଇଥିଲା ଏବଂ କିଏ ନେଇ କାହାକୁ ଦେଇଥିଲା, ସେହି ଦିଗ ଉପରେ ଏବେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି । କ୍ରାଇମବ୍ରାଞ୍ଚ ଡିଜି ଏହି ମାମଲାରେ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଏଥିରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ । ପର୍ଯ୍ୟାୟ କ୍ରମେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବ । ଯଦି କେହି ଏହି ନୋଟିସକୁ ଅଣଦେଖା କରନ୍ତି କିମ୍ବା ଉଚିତ କାରଣ ନ ଦର୍ଶାଇ ହାଜର ନ ହୁଅନ୍ତି, ତେବେ ସେମାନଙ୍କୁ ସନ୍ଦେହ ଘେରରେ ରଖାଯିବ । ଡିଜିଙ୍କ ଏହି ବୟାନ ପରେ ଏବେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଡୁଆ ବଢ଼ିପାରେ ବୋଲି ଚର୍ଚ୍ଚା ହେଉଛି । ଏହି ମାମଲାରେ ଏବେ ସୁଦ୍ଧା ପୂର୍ବତନ ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ମୋଟ ୪ ଜଣଙ୍କୁ ସମନ୍ କରାଯାଇ ସାରିଛି ।

## ୩ ଜିଲ୍ଲାରେ ସ୍କୁଲ ଆଜି ବନ୍ଦ

**ଯାଜପୁର, ୨୯/୭:** ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ୩୦ଜୁଲାଇ ୨୦୨୬ (ଗୁରୁବାର) ଯାଜପୁର ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି।

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲାରେ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ୩୦ଜୁଲାଇ ୨୦୨୬ (ଗୁରୁବାର) ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି।

**ଭଦ୍ରକ:** ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ (ଗୁରୁବାର) ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି।

## ଛାତ୍ରଛାତ୍ରୀମାନଙ୍କୁ ଷ୍ଟକ୍ ବଜାର, ମ୍ୟୁଚୁଆଲ୍ ଫଣ୍ଡ ମାଗଣା ବୃତ୍ତିଗତ ତାଲିମ

ଭୁବନେଶ୍ୱର,୨୯।୭: ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ପାଇଁ, ଓଡ଼ିଶା ସରକାର କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ଷ୍ଟକ୍ ବଜାର, ମ୍ୟୁଚୁଆଲ୍ ଫଣ୍ଡ, ବୀମା, ବ୍ୟାଙ୍କିଂ ଏବଂ ଆର୍ଥିକ କାରବାରରେ ମାଗଣା ବୃତ୍ତିଗତ ତାଲିମ ପ୍ରଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଆର୍ଥିକ ସେବା କ୍ଷେତ୍ରରେ ଦକ୍ଷ ମାନବଶକ୍ତି ବିକାଶ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଜ୍ଞାନ ଏବଂ ଶିଳ୍ପ-ମୁଖୀ ତାଲିମ ପ୍ରଦାନ କରି ଉନ୍ନତ କ୍ୟାରିଅର ସମ୍ଭାବନା ପାଇଁ ପ୍ରସ୍ତୁତ କରିବା।

### ସୁପ୍ରିମକୋର୍ଟରେ ଆବେଦନ ଖାରଜ

## ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ'ର ରିଲିଜ୍ ପାଇଁ ପଥ ପରିଷ୍କାର

ନୂଆଦିଲ୍ଲୀ,୨୯।୭: ଆନିମେଟେଡ୍ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ'ର ମୁକ୍ତିଲାଭ ପାଇଁ ରାସ୍ତା ସଫା ହୋଇଯାଇଛି। ଜଷ୍ଟିସ୍ ବି. ଭି. ନାଗରତ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ଚଳଚ୍ଚିତ୍ରର ମୁକ୍ତିଲାଭକୁ ବନ୍ଦ କରିବା ପାଇଁ ପିଟିସନ୍ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ଟ୍ରଷ୍ଟ ଏବଂ ଜଣେ ଭକ୍ତଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଥିଲା। ଏହି ଆବେଦନରେ ସୁପ୍ରିମକୋର୍ଟଙ୍କ ଜୁଲାଇ ୧୭ ର ଆଦେଶରେ ସଂଶୋଧନ କରିବାକୁ ଅନୁରୋଧ କରାଯାଇଥିଲା ଯାହା ଦ୍ୱାରା ଜୁଲାଇ ୨୮ ରେ ପୁରୀ ଠାରେ ଭଗବାନ ଜଗନ୍ନାଥଙ୍କ ରଥଯାତ୍ରା ଶେଷ ହେବା ପରେ ସୁପ୍ରିମକୋର୍ଟ ଚଳଚ୍ଚିତ୍ରକୁ ମୁକ୍ତିଲାଭ କରିବାକୁ ଅନୁମତି ଦେଇଥିଲେ। ଏକ କାର୍ଟୁନ୍ ଚଳଚ୍ଚିତ୍ର ମାଧ୍ୟମରେ ଭଗବାନ ଜଗନ୍ନାଥଙ୍କୁ ଚିତ୍ରଣ କରିବା ଅପମାନଜନକ ଏବଂ ଲୋକଙ୍କ ସମ୍ବେଦନଶୀଳତାକୁ ପ୍ରଭାବିତ କରେ ବୋଲି ଆବେଦନକାରୀଙ୍କ ଯୁକ୍ତିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ। କୋର୍ଟ କହିଛନ୍ତି ଯେ ଯଦି ଏହି ଚଳଚ୍ଚିତ୍ର ଦ୍ୱାରା ଲୋକଙ୍କ ସମ୍ବେଦନଶୀଳତା ପ୍ରଭାବିତ ହୁଏ, ତେବେ ରାମାୟଣ ଏବଂ ମହାଭାରତ ଉପରେ କୌଣସି କଳା ଚଳଚ୍ଚିତ୍ର ନିର୍ମିତ ହୋଇନଥାନ୍ତା। ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଲୋକମାନେ କଳା ଏବଂ ସୃଜନଶୀଳତା ବିରୋଧରେ କେବଳ ଏହି ଆଧାରରେ ପିଟିସନ୍ ଦାଖଲ କରୁଛନ୍ତି ଯେ ସେମାନେ ସେମାନଙ୍କର ସମ୍ବେଦନଶୀଳତାକୁ ପ୍ରଭାବିତ କରୁଛନ୍ତି। କୋର୍ଟ ଚେତାବନୀ ଦେଇଛନ୍ତି ଯେ ଯଦି ଏଭଳି ଆବେଦନ ଜାରି ରହେ, ତେବେ କୋର୍ଟଙ୍କୁ କଠୋର ନିର୍ଦ୍ଦେଶ ଦେବାକୁ ପଡ଼ିପାରେ।

### ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି


## ୫ ବ୍ଲକର ୩୨୨ ଗ୍ରାମ ପ୍ରଭାବିତ



ଭଦ୍ରକ, ୨୯/୭(ନିପ୍ର): ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଜିଲ୍ଲା ପ୍ରଶାସନର ସନ୍ଧ୍ୟା ୫ଟା ସୁଦ୍ଧାର ଦୈନିକ ସ୍ଥିତି ରିପୋର୍ଟ ଅନୁଯାୟୀ, ତିହିଡ଼ି, ବାସୁଦେବପୁର, ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ସମେତ ୫ଟି ବ୍ଲକର ୭୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୨୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଏହା ସହ ଧାମନଗର ଏନଏସି, ଭଦ୍ରକ ପୌରପାଳିକା ଓ ଧୂଷୁରୀ ଏନଏସିର ୧୩ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି।ଜିଲ୍ଲାରେ ମୋଟ ୩,୩୯,୭୭୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ୫୪,୧୮୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୧୯୫ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଛି ଏବଂ ସମସ୍ତ ୫୪,୧୮୪ ଜଣ ହିତାଧିକାରୀଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରାଯାଉଛି। ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ କୌଣସି ମାନବ ମୃତାହତ ଘଟଣା ଘଟିନାହିଁ। ପଶୁସମ୍ପଦ କ୍ଷେତ୍ରରେ ୧୮୫ଟି ବଡ଼ ପଶୁ ଓ ୨୨୬ଟି ଛୋଟ ପଶୁ ପ୍ରଭାବିତ ହୋଇଥିବା ବେଳେ କୌଣସି ପଶୁ ମୃତ୍ୟୁର ସୂଚନା ମିଳିନାହିଁ।

### ଉବୁଟୁବୁ ଉତ୍ତର ଓଡ଼ିଶା: ଫୁଲୁଛି ବୈତରଣୀ

## ଭଦ୍ରକ-ଯାଜପୁରକୁ ଯୋଗାଯୋଗ ବିଚ୍ଛିନ୍ନ



ଭଦ୍ରକ, ୨୯/୭(ନିପ୍ର): ବୈତରଣୀରେ ବନ୍ୟା, ଭଦ୍ରକରେ ଗମ୍ଭୀର ସ୍ଥିତି ଉପୁଜିଛି । ବଢ଼ିବାରେ ଲାଗିଛି ବୈତରଣୀ ନଦୀର ଜଳସ୍ତର । ଆଖୁଆପଦା ଠାରେ ବିପଦ ସଙ୍କେତର ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି ବନ୍ୟାଜଳ । ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ସକାଳ ୬ଟା ସୁଦ୍ଧା ୨୦.୨୬ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ସୂଚନାନୁଯାୟୀ, କଣ୍ଟିଘାଇ ଏସ୍କେପ ଦେଇ ଜନ ବସତି ଆଡକୁ ବନ୍ୟାଜଳ ପ୍ରବେଶ କରିଛି । ଫଳରେ ଭଦ୍ରକ – ଯାଜପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଭଣ୍ଡାରିପୋଖରୀ ବ୍ଲକର ଖୋଳମପୁର, ମାଳଦା, ନପଙ୍ଗ, ରହଣିଆ ଆଦି ପଞ୍ଚାୟତ ଜଳମଗ୍ନ ହୋଇଯାଇଛି । ବନ୍ୟା ମୁକାବିଲା ପାଇଁ ୫ଟି ଓଡ୍ରାଫ୍ ଓ ୩ଟି ଘଉଜର ଟିମ୍ ମୁତୟନ ହୋଇଛନ୍ତି । ଅନ୍ୟପଟେ ଆରଡ଼ି କଟକ ମୁଖ୍ୟରାସ୍ତାର ବୋଡ଼କଠାରେ ପ୍ରବାହିତ ହେଉଛି ୨ ଫୁଟର ପାଣି । ଫଳରେ ଆରଡ଼ିରୁ କଟକ ଓ ଯାଜପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ୪ଟି ପଞ୍ଚାୟତର ୩୦ ଗାଁ ପ୍ରଭାବିତ ହୋଇଛି ।


### ରାଜ୍ୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତା

## ଗଙ୍ଗୋତ୍ରୀ ଓ କୃଷ୍ଣଙ୍କୁ ସିଲଭର ମେଡାଲ

କେନ୍ଦ୍ରାପଡ଼ା, ୨୯/୭(ନିପ୍ର): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଭାରୋତ୍ତଳନ ସଂଘର ମିଳିତ ସହଯୋଗରେ ଚଳିତ ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତଳନ କେନ୍ଦ୍ର ଠାରେ ରାଜ୍ୟସ୍ତରୀୟ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଭାରତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବାଳକ ବର୍ଗର ୬୦ କିଲୋଗ୍ରାମ ଓଜନ ବିଭାଗରେ ପଟ୍ଟାମୁଣ୍ଡାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର କୃଷ୍ଣ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ହାସଲ କରିଥିବାବେଳେ, ୧୪ ବର୍ଷରୁ କମ୍ ବାଳିକା ବର୍ଗର ୫୫ କିଲୋଗ୍ରାମ ଓଜନ ବିଭାଗରେ କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଗଙ୍ଗୋତ୍ରୀ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ଜିତିଛନ୍ତି। ଉଭୟ ପ୍ରତିଯୋଗୀ ପ୍ରତିଯୋଗିତାର ମୁଖ୍ୟ ଅତିଥିମାନଙ୍କ ଠାରୁ ସିଲଭର ମେଡାଲ ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ସେମାନଙ୍କର ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ■ ଡେବ୍ରିଗଡ଼ ନେବ ବଡ଼ ଭୂମିକା

## ଓଡ଼ିଶାରେ ବଢ଼ିବ ବାଘ ସଂଖ୍ୟା



ଡେବ୍ରିଗଡ, ୨୯/୭: ବାଘ ପାଇଁ ବରଦାନ ସାଜିବ ଡେବ୍ରିଗଡ଼। ପ୍ରସ୍ତାବିତ ଡେବ୍ରିଗଡ଼ ବ୍ୟାଘ୍ର ସଂରକ୍ଷଣ ଆଗକୁ ଓଡ଼ିଶାରେ ବାଘ ସଂଖ୍ୟା ବଢ଼ାଇବାରେ ବଡ଼ ଭୂମିକା ନେବ। କାରଣ ଏବେ ବି ପଡ଼ୋଶୀ ଛତିଶଗଡ଼ରୁ ଓଡ଼ିଶାକୁ ଆସୁଛନ୍ତି ବାଘ। ଜଙ୍ଗଲ ଭିତରେ ନିରବତା। ଆଉ ଏହି ନିରବତା ଭିତରେ ଚାଲିଛି ଏକ ବଡ଼ ଆଶା। ଓଡ଼ିଶାରେ ବାଘଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ହେଲେ ଏବେ ଡେବ୍ରିଗଡ଼ର ନାଁ ଆଗକୁ ଆସୁଛି। ପ୍ରସ୍ତାବିତ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଭାବେ ଡେବ୍ରିଗଡ଼ର ବିଶାଳ ଜଙ୍ଗଲ ବାଘଙ୍କୁ ଦେଉଛି ସୁରକ୍ଷିତ ବାସସ୍ଥାନ। ଡେବ୍ରିଗଡ଼ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଭୌଗୋଳିକ ଅବସ୍ଥିତି।

# ଜମିରହୁଛି ବର୍ଷାପାଣି, ଚାଷୀଙ୍କ ତଳିଘେରା ନଷ୍ଟ



### ଚିନ୍ତାରେ ଶତାଧିକ ଚାଷୀ

ଜଳେଶ୍ୱର, ୨୯/୭(ନିପ୍ର): ଲଗାଣ ବର୍ଷାରେ ନାମ୍ପୋ, ଆରୁହା, ବାଣିଦା ପଞ୍ଚାୟତ ଜଳମଗ୍ନ ହୋଇଥିବା ବେଳେ ପ୍ରାୟ ଶତାଧିକ ଚାଷୀଙ୍କ ଧାନ ତଳିଘେରା ନଷ୍ଟ ହେବାକୁ ବସିଛି। ଆରୁହା ନାମ୍ପୋ ରାସ୍ତାର ମଙ୍ଗା ପୋଖରୀଠାରୁ ନାମ୍ପୋ ମଡ଼ା ଗଡିଆ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବା କାରଣରୁ ଏବେ ମଧ୍ୟ ଶତାଧିକ ଚାଷୀଙ୍କ ତଳିଘେରାରେ ୫-୭ ଫୁଟ ପାଣି ପ୍ରବାହିତ ହେଉଛି। ଉକ୍ତ ଅଞ୍ଚଳ ଦେଇ ଆରୁହା, ନିମପୁର, ଚୂଡ଼ାମଣିପୁର, ଭାଦା, ଅଲାଲପୁର, ନନ୍ଦିକା ସମେତ ଜଳେଶ୍ୱର ସହରର ଉଦବୃତ୍ତ ବର୍ଷାପାଣି ନିଷ୍କାସିତ ହେଉଛି। ତେବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ନାମ୍ପୋ - ଆରୁହା ରାସ୍ତାରେ ପର୍ଯ୍ୟାପ୍ତ ନଳା ପୋଲ ନିର୍ମାଣ ନ ହେବା କାରଣରୁ ବର୍ଷାପାଣି ନିଷ୍କାସିତ ନ ହୋଇ ଜମି ରହୁଛି। ୭-୮ ଦିନ ହେବ ପାଣି ଜମି ରହିବା କାରଣରୁ ତଳିଘେରା ପଚି ନଷ୍ଟ ହୋଇ ଗଲାଣି। ଚାଷୀମାନେ ଏବେ ଜମି ରୋଇବାକୁ ନେଇ ଆଶଙ୍କାରେ। ଏସଂକ୍ରାନ୍ତରେ ଚାଷୀମାନେ ଆରଡି ବିଭାଗର ଯନ୍ତ୍ରୀ ଓ ଜଳେଶ୍ୱର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ବିଭାଗ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆରୁହା ସମେତ ନିମପୁର, ଚୂଡ଼ାମଣିପୁର, ନନ୍ଦିକା, ଅଲାଲପୁର ଓ ଜଳେଶ୍ୱର ସହରର ଉଦବୃତ୍ତ ବର୍ଷାପାଣି ଉକ୍ତ ଅଞ୍ଚଳକୁ ପ୍ରବାହିତ ହେଉଥିବା କାରଣରୁ ଉକ୍ତ ଅଞ୍ଚଳ ଅଧିକ ପ୍ଳାବିତ ହେଉଛି। ସେହିପରି ନବ ନିର୍ମିତ ୪. ୫ କିଲୋମିଟର ନାମ୍ପୋ - ଅଲାଲପୁର ରାସ୍ତାରେ ୬ ଗୋଟିଏ ନଳା ପୋଲ ବସିବାକୁ ନିର୍ଦ୍ଦେଶ ଥିବା ବେଳେ ନିର୍ମାଣ ସମୟ ରେ ଆଦୌ ନଳା ପୋଲ ନିର୍ମାଣ କରାଯାଇନାହିଁ । ୨୦୨୪ ମସିହାରେ ଅନୁରୂପ ଢଙ୍ଗରେ ସଂଗଠିତ ବନ୍ୟା କ୍ଷୟକ୍ଷତି ପରିଦର୍ଶନରେ ଆସିଥିବା ବିଧାୟକ ଅଶ୍ୱିନୀ ପାତ୍ର ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ହୃଦବୋଧ କରି ଉଭୟ ନାମ୍ପୋ ଅଲାଲପୁର ଓ ନାମ୍ପୋ ଆରୁହା ରାସ୍ତାରେ ଚାଷୀଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ନଳା ପୋଲ ନିର୍ମାଣ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଏଥି ସକାଶେ ଆବଶ୍ୟକୀୟ ଅର୍ଥ ବିଧାୟକ ହାତ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ବନ୍ୟାରେ ବେହାଲ ଓଡ଼ିଶା: ଗଲା ୩ ଜୀବନ

ଭୁବନେଶ୍ୱର, ୨୯/୭(ନିପ୍ର): ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ବାଲେଶ୍ୱର ଜିଲ୍ଲା । କେନ୍ଦୁଝର ଜିଲ୍ଲାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ବନ୍ୟାରେ ଭାସି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣଙ୍କ ଉପରେ କାନ୍ଥ ପଡି ଜୀବନ ଯାଇଛି । ସେହିଭଳି କେନ୍ଦୁଝରରେ ପାଣି ନିଷ୍କାସନ କରିବା ବେଳେ ଜଣେ ଅଗ୍ନିଶମ କର୍ମଚାରୀଙ୍କୁ ମୃତ୍ୟୁ ହୋଇଛି। ୬ ଜିଲ୍ଲାରେ ୪୪ ବ୍ଲକ ରେ ୨ ଲକ୍ଷରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ଏବେ ବି ୨୨୬ ଗାଁ ଜଳବନ୍ଦୀ ରହିଛି। ପ୍ରଭାବିତ ଜିଲ୍ଲା ଗୁଡିକର ସରକାରୀ ଅଧିକାରୀଙ୍କର ଛୁଟି ବାତିଲ ହୋଇଛି । ୩୦ ହଜାର ଲୋକ ସ୍ଥାନାନ୍ତରିତ ହୋଇଛନ୍ତି। ରିଲିଫ ସେଣ୍ଟରରେ ରନ୍ଧା ଖାଦ୍ୟରେ ବ୍ୟବସ୍ଥା କରାଯାଇଛି । ଆଜି ମହାନଦୀ ତଳ ମୁଣ୍ଡରେ ବର୍ଷା ଆରମ୍ଭ ହୋଇଛି। ହୀରାକୁଦରେ ୨ ଗେଟ ଖୋଲଛି । ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ରହି ବନ୍ୟା ସ୍ଥିତି ବାବଦରେ ଅବଗତ ହୋଇଛନ୍ତି।

## ଅବପାତ ପଶ୍ଚିମକୁ ଗତିଶୀଳ: ରାଜ୍ୟରେ କମିବ ବର୍ଷା



ଭୁବନେଶ୍ୱର, ୨୯/୭(ନିପ୍ର): କେନ୍ଦ୍ରୀୟ ଛତିଶଗଡ଼ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ପାଖରେ ଥିବା ଗଭୀର ଅବପାତ ଆଗାମୀ ୨୪ ଘଣ୍ଟାରେ ଛତିଶଗଡ଼ ଓ ପଶ୍ଚିମ ମଧ୍ୟପ୍ରଦେଶ ଦେଇ ପଶ୍ଚିମ ଦିଗକୁ ଗତି କରିବ । ଫଳରେ ରାଜ୍ୟରେ ବର୍ଷା କମିବା ଆଶଙ୍କା ରହିଛି । ଆସନ୍ତା ୨୪ ଘଣ୍ଟାରେ ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ରାୟଗଡ଼ା, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୩୦ ଜୁଲାଇରୁ ୧ ଅଗଷ୍ଟ ଭିତରେ ଅତିପ୍ରବଳ ବର୍ଷାର ବିଶେଷ ସମ୍ଭାବନା ନାହିଁ । କିନ୍ତୁ ହାଲୁକାରୁ ମାଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡଘଡି ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଟକା ପବନ ସମ୍ଭାବନା ରହିଛି । ବିଶେଷ କରି ଉପକୂଳ ଜିଲ୍ଲା ସହ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ବର୍ଷା ସମ୍ଭାବନା ରହିଛି ।

**AFFIDAVIT**

By virtue of an affidavit sworn before The Executive Magistrate, Bhadrak, affidavit no.8846 dtd.29.07.2026, I Sajida Kausar W/o-Sk. Arif D/o-Motilal Sahoo, At-Kazimohalla (Choukhandi) Po/Ps-Purunabazar, Dist-Bhadrak, Pin-756100 do hereby declare that my father's name is wrongly witten in my PAN card vide No.OHOPK8631N as Sk.Moharban but my father's correct name is mentioned in my Board Certificate as Motilal Sahoo. Henceforth I will be known by my correct father's name Motilal Sahoo.

**Sd/-Sajida Kausar**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ